## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ବିଶ୍ୱ ମଧୁମେହ ଦିବସ। ସ୍ଥାନ-ଅକ୍ସଫୋର୍ଡ ସ୍କୁଲ । ସମୟ-ସକାଳ ୮ଟା ।
- ମଧୁମେହ ଏବଂ ଫାର୍ମାସି ସପ୍ତାହ। ସ୍ଥାନ-ଗେଟ୍‌ବଜାର ।ସମୟ-ସକାଳ ୮ଟା ।
- ବିଶ୍ୱ ମଧୁମେହ ଦିବସ। ସ୍ଥାନ-ଏନ୍‌ଜିଓ ହଲ୍ । ସମୟ-ସକାଳ ସାଢ଼େ ୮ଟା ।
- ତେଲୁଗୁ ଭାଷା ସୁରକ୍ଷା ବୈଠକ। ସ୍ଥାନ-ପ୍ରକାଶମ୍ ହଲ୍ ।ସମୟ-ସକାଳ ୯ଟା ।
- ୱାଲ୍ ଅଫ୍ ସେରିଂ ଉଦ୍‌ଘାଟନ। ସ୍ଥାନ-ପୁରୁଣା ବସ୍‌ଷ୍ଟାଣ୍ଡ । ସମୟ-ପୂର୍ବାହ୍ନ ୧୧ଟା ।
- ବିଶ୍ୱ ମଧୁମେହ ଦିବସ। ସ୍ଥାନ-ଖଲ୍ଲିକୋଟ କଲେଜ । ସମୟ-ଅପରାହ୍ନ ୧ଟା ।
- ଶିଶୁ ଦିବସ ପାଳନ।ସ୍ଥାନ-ରାମହରିନଗର ସରସ୍ୱତୀ ଶିଶୁ ମନ୍ଦିର। ସମୟ-ଅପରାହ୍ନ ୩ଟା।
- ସୁନ୍ଦର ଶିଶୁ ପ୍ରତିଯୋଗିତା। ସ୍ଥାନ-ଜନାନା ହସ୍‌ପିଟାଲ୍ । ସମୟ-ଅପରାହ୍ନ ୪ଟା ।
- 'ଓଡ଼ିଆ ସାହିତ୍ୟରେ ସାମାଜିକ ଦାୟିତ୍ୱବୋଧ' ଆଲୋଚନାଚକ୍ର। ସ୍ଥାନ-ଖଲ୍ଲିକୋଟ କଲେଜ ପଡ଼ିଆ । ସମୟ-ଅପରାହ୍ନ ୪ଟା ।
- ବିଶ୍ୱ ମଧୁମେହ ଦିବସ।ସ୍ଥାନ-ଆଇଇସି ହଲ୍ । ସମୟ-ଅପରାହ୍ନ ସାଢ଼େ ୪ଟା ।
- ରେଡରୋଜ୍ ଶିଶୁ ମହୋତ୍ସବ। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ । ସମୟ-ଅପରାହ୍ନ ୫ଟା ।

■ ଅବହେଳାର ଶିକାର ବ୍ରହ୍ମପୁର ରେଳଷ୍ଟେଶନ

# ପ୍ରତିବାଦରେ ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୩।୧୧**

ବ୍ରହ୍ମପୁର ରେଳଷ୍ଟେଶନର ଭିତ୍ତିଭୂମି ବିକାଶ ସହ ଜାତୀୟସ୍ତରୀୟ ଷ୍ଟେଶନ ମାନ୍ୟତା ଦାବି ନେଇ ମଙ୍ଗଳବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରେଳମନ୍ତ୍ରୀ ପୀୟୁଷ ଗୋଏଲ୍‌ଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ମାନବ ଅଧିକାର ସୁରକ୍ଷା ମଞ୍ଚର ଅଭିଯୋଗ ଯେ, ୧୦୦ ବର୍ଷରୁ ଅଧିକ ପୁରୁଣା ବ୍ରହ୍ମପୁର ରେଳଷ୍ଟେଶନ୍‌ର ଆଧୁନିକୀକରଣ କରାଯାଉନାହିଁ । ରାଜସ୍ୱ ସଂଗ୍ରହରେ ଓଡ଼ିଶାରେ ଏହା ଦ୍ୱିତୀୟ ହୋଇଥିଲେ ମଧ୍ୟ ଭିତ୍ତିଭୂମି ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉନାହିଁ । ଯାତ୍ରୀମାନେ ଏଠାରେ ଅସୁବିଧା ଭୋଗୁଛନ୍ତି । ତେଣୁ ମଞ୍ଚ ପକ୍ଷରୁ ୧୫ଟି ଦାବି ରଖାଯାଇଛି। ସେଗୁଡ଼ିକ ମଧ୍ୟରେ ବ୍ରହ୍ମପୁର-ସମ୍ବଲପୁର ଭାୟା ଆସିକା, ଭଞ୍ଜନଗର, ଫୁଲବାଣୀ ନୂତନ ରେଳପଥ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା, ବ୍ରହ୍ମପୁରଠାରେ ଟର୍ମିନାଲ୍ ପଏଣ୍ଟ ଏବଂ କୋଚ୍ କମ୍ପ୍ଲେକ୍ସ, ଶିଳ୍ପାଞ୍ଚଳ ଠାରେ ପାସେଞ୍ଜର ରହଣି, ପୁରୀ-ଅହମ୍ମଦାବାଦ ଭାୟା ବ୍ରହ୍ମପୁର ଟ୍ରେନ୍‌କୁ ଦୈନିକ କରିବା, ଫାଲକନାମା, କୋଣାର୍କ ଏବଂ ହାୱଡ଼ା-ଯଶବନ୍ତପୁର ଭଳି ଦ୍ରୁତଗାମୀ ରେଳରେ ବ୍ରହ୍ମପୁରଠାରେ ଦୁଇଟି ସାଧାରଣ ବଗି ସଂଯୋଗ, ଶୀତଳାପଲ୍ଲୀଠାରେ ରେଳ ଡାବା କାରଖାନା ପ୍ରତିଷ୍ଠା, ବ୍ରହ୍ମପୁର ଠାରୁ ନୂଆଦିଲ୍ଲୀ ଟ୍ରେନ୍ ଚଳାଚଳ, ବ୍ରହ୍ମପୁରରୁ ସିଧାସଳଖ ପୁରୀକୁ ଟ୍ରେନ୍, ଷ୍ଟେଶନ୍‌ରେ ଗ୍ରୀନ୍‌ରୁଫ୍ ନିର୍ମାଣ, ବ୍ରହ୍ମପୁରରେ ହାଓଡ଼ା-ପଣ୍ଡିଚେରୀ ଟ୍ରେନ ରହଣି, ପ୍ରତି ପ୍ଲାଟଫର୍ମରେ ଲିଫ୍‌ଟ, ଗୋପାଳପୁର-ରାୟଗଡ଼ା ନୂତନ ରେଳପଥକୁ ଅର୍ଥମଞ୍ଜୁରୀ, ଗୋପାଳପୁର-ତାଳଚେର ନୂତନ ରେଳପଥକୁ ଆର୍ଥିକ ମଞ୍ଜୁରୀ, ବ୍ରହ୍ମପୁର ରେଳଡିଭିଜନ୍ କାର୍ଯ୍ୟାଳୟ ସ୍ଥାପନ ଏବଂ ଦକ୍ଷିଣ ଓଡ଼ିଶାର ବରପୁତ୍ରଙ୍କ ନାମରେ ନୂତନ ଟ୍ରେନ୍ ଚଳାଚଳ ଆଦି ଦାବି ରଖାଯାଇଛି । ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ରେଳରୋକୋ ଡାକରା ଦିଆଯିବ ବୋଲି ମଞ୍ଚ ଚେତାବନୀ ଦେଇଛି । ମଞ୍ଚର ଆବାହକ ଅବନୀ ଗୟାଙ୍କ ସମେତ ତ୍ରୈଲୋକ୍ୟନାଥ ଆପ୍ତା, ବିଜୟ ଚନ୍ଦ୍ର ବିଷୋୟୀ, ମହେଶ୍ୱର ବାଡ଼ତ୍ୟା, ମାଗୁଣୀ ନାହାକ, ଗଗନ ଚନ୍ଦ୍ର, ଲକ୍ଷ୍ମୀନାରାୟଣ ରାଉତ, ବି.ଶଙ୍କର ପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ବ୍ରହ୍ମପୁର ରେଳଷ୍ଟେଶନ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ଜାତୀୟସ୍ତରୀୟ ଷ୍ଟେଶନ୍ ମାନ୍ୟତା ଦାବି**

## ୨ ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ଛତ୍ରପୁର,୧୩।୧୧(ଡି.ଏନ.ଏ)**

ଚମାଖଣ୍ଡି ଓ ଛତ୍ରପୁର ଥାନା ପକ୍ଷରୁ ପୃଥକ୍ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ମଙ୍ଗଳବାର ରାତିରେ ଚଢାଉ କରାଯାଇ ୮ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୨୦,୨୨୦ ଟଙ୍କା ଜବତ କରାଯାଇଛି। ଛତ୍ରପୁର ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତିରେ କତ୍ତୁରୁ ବନ୍ଧ ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରି ୨ ଜଣଙ୍କୁ କାବୁ କରିବା ସହ ୧୭୨୦ ଟଙ୍କା ଜବତ କରିଥିଲା। ଏ ନେଇ ଥାନାରେ ନଂ.୨୯୨/୧୯ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଚମାଖଣ୍ଡି ଥାନା ପୋଲିସ ମାୟାପାଟଣାଠାରେ ମଙ୍ଗଳବାର ରାତିରେ ଚାଲିଥିବା ଜୁଆଖେଳରେ ଚଢାଉ କରି ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୫ ମୋବାଇଲ ଫୋନ, ୧୮, ୫୦୦ଟଙ୍କା ଜବତ କରାଯାଇଥିଲା । ଏନେଇ ଥାନାରେ ନଂ.୧୫୧/୧୯ରେ ମାମଲା ରୁଜୁ ହୋଇଛି ।

## କଲେଜରୁ କମ୍ପ୍ୟୁଟର ଚୋରି ଘଟଣା, ୨ କୋର୍ଟ ଚାଲାଣ

**ଛତ୍ରପୁର,୧୩।୧୧(ଡି.ଏନ.ଏ.):** ଛତ୍ରପୁର ଥାନା ମହାନାଦପୁର ନୃସିଂହନାଥ କଲେଜରୁ ଗତ ୧୦ ତାରିଖ ବିଳମ୍ବିତ ରାତିରେ କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି ହୋଇଥିଲା । ଏହି ଘଟଣାରେ ୨ ଜଣଙ୍କୁ ଛତ୍ରପୁର ଥାନା ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଭିକାରୀପଲ୍ଲୀ ଗାଁର ଶିଶିର ନାହାକ ଓ ମୁନା ଦାସ। ଉଭୟଙ୍କଠାରୁ ଚୋରି ସାମଗ୍ରୀ ସହ ବାଇକ୍ ଜବତ ହୋଇଛି। ପ୍ରକାଶ ଯେ, କଲେଜରୁ କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି ନେଇ ଅଧକ୍ଷ ମୀନକେତନ ରେଡ୍ଡୀ ୧୧ ତାରିଖରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୯୦/୧୯) ରୁଜୁ କରି ତଦନ୍ତ ଚଳାଇ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଦୁର୍ଘଟଣାରେ ୨ କଲେଜ ଛାତ୍ର ଗୁରୁତର

**ଦିଗପହଣ୍ଡି,୧୩।୧୧(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ବୁରିପଦର ଗାଁ ଛକ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ବାଇକ (ନଂ. ଓଡି୦୭ଏ-୮୫୪୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକରୁ ଖସିପଡି ୨ଜଣ କଲେଜ ଛାତ୍ର ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଯୁକ୍ତ ୩ ଛାତ୍ର ସଦାଶିବ ପାଣିଗ୍ରାହୀ ଓ ପବିତ୍ର ବଡ଼ମୁଣ୍ଡି। ବୁଧବାର ଉଭୟେ ଗୋଲଣ୍ଡାରୁ କଲେଜ ଅଭିମୁଖେ ବାଇକ ଯୋଗେ ଯାଉଥିବାବେଳେ ଅସାବଧାନତା କାରଣରୁ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।


ଛାଡ଼ଖାଇ ପାଇଁ ବ୍ରହ୍ମପୁର ମାଛ ବଜାରରେ ହୋଇଥିବା ଭିଡ଼ । (ଫଟୋ-ସମୀର)

## ଜନଗହଳିପୂର୍ଣ୍ଣ ଛକ ପରିଦର୍ଶନ କଲେ ଟ୍ରାଫିକ ଡିଏସ୍‌ପି

**ବ୍ରହ୍ମପୁର ଅଫିସ,୧୩।୧୧**

■ ଭୁଲ୍ ରାସ୍ତାରେ ଗଲେ, ବାଇକ୍‌ରେ ୩ ଜଣ ବସିଲେ କାର୍ଯ୍ୟାନୁଷ୍ଠାନ

■ ଆଜିଠୁ ରୁକ୍ମିଣୀ ହଲ୍-ମୟୂରୀଟାୱାର ରାସ୍ତା ୱାନ ୱେ

ବ୍ରହ୍ମପୁର ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଏଣିକି ବିଭାଗ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରାଯିବ । ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ସହରର ପ୍ରମୁଖ ୫ ଛକରେ ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମଏସ) କାର୍ଯ୍ୟକାରୀ ହୋଇଛି। ଭୁଲରାସ୍ତା(ରଙ୍ଗସାଇଡ)ରେ ଗଲେ, ବାଇକ୍‌ରେ ୩ ଜଣ ବସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ ଡିଏସପି ସାର୍ଥକ ରାଏ କହିଛନ୍ତି। ବୁଧବାର ଟ୍ରାଫିକ ଡିଏସପି ରାଏ ଓ ବିଏମସି ଏନଫୋର୍ସମେଣ୍ଟ ଅଫିସର ତରୁଣକାନ୍ତ ସହରର ଜନଗହଳିପୂର୍ଣ୍ଣ ବିଭିନ୍ନ ଛକ ପରିଦର୍ଶନ କରି ଟ୍ରାଫିକ ସମସ୍ୟା ଅନୁଧ୍ୟାନ କରିଥିଲେ । ବ୍ରହ୍ମପୁର ଗେଟବଜାର, ସାନବଜାର, ଆସ୍କାରୋଡ, ବାଲୁଙ୍କେଶ୍ୱର ମନ୍ଦିର, ସିଟି ହସପିଟାଲ ରୋଡ, ପୁରୁଣା ବ୍ରହ୍ମପୁର, ହନୁମାନ ବଜାର ଆଦି ଛକ ଉଭୟ ପରିଦର୍ଶନ କରିଥିଲେ । ଏଣିକି ଚିହ୍ନଟ ଲାଇନ ବାହାରେ ଗାଡି ପାର୍କିଂ କଲେ ଜରିମାନା ଆଦାୟ କରାଯିବ। ଗେଟବଜାର, ଗିରିମାର୍କେଟ ଛକ, ସାନବଜାର ଆଦିରେ ରାସ୍ତା ପାର୍ଶ୍ୱରେ ବସୁଥିବା ଉଠାଦୋକାନୀଙ୍କୁ ବିଏମସି ପକ୍ଷରୁ ନିର୍ମିତ ଓପନ ଭେଣ୍ଡିଂ ଜୋନଗୁଡିକୁ ସ୍ଥାନାନ୍ତର କରିବା ଉପରେ ମଧ୍ୟ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଡିଏସପି ସୂଚନା ଦେଇଛନ୍ତି । ରୁକ୍ମିଣୀଛକରୁ ମୟୁରୀଟାୱାର ରାସ୍ତାରେ ଓଡିଆରପି ଡ୍ରେନେଜ, ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଗୁରୁବାରଠାରୁ ଏହି ରାସ୍ତାକୁ ୱାନ ୱେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି । ଏଥିସହ ଛକ ଅନୁସାରେ ଆଇଟିଏମଏସ ଟ୍ରାଫିକ ସିଗନାଲ ଟାଇମରେ ପରିବର୍ତ୍ତନ କରିବା ନେଇ ମଧ୍ୟ ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଡିଏସପି ଆଲୋଚନା କରିଥିବା କହିଛନ୍ତି । ତେବେ ଚଳିତମାସଠାରୁ କେବଳ ଇନ୍ସୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ ଯାଞ୍ଚକୁ ବାଦ ଦେଇ ହେଲମେଟ ପିନ୍ଧୁ ନ ଥିବା, ଟ୍ରିପଲ ରାଇଡିଂ ଓ ରଙ୍ଗସାଇଡ ରାଇଡିଂ କରୁଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏସପି କହିଛନ୍ତି ।

## ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୩।୧୧**

ବ୍ରହ୍ମପୁର ମ୍ୟୁନିସିପାଲ କଲୋନୀସ୍ଥିତ ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ଗତ ୧୨ ଦିନ ଧରି ଚାଲିଥିବା ରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଶେଷଦିନ ଶ୍ରୀକୃଷ୍ଣ ଚରିତାମୃତ ସହ ୨୪ ପ୍ରହର ନାମଯଜ୍ଞ, ନାରାୟଣ ସେବା, ବସ୍ତ୍ର ବଣ୍ଟନ, ପ୍ରସାଦ ସେବନ ଆଦି ଆୟୋଜିତ ହୋଇଥିଲା । ଭାଗବତ ସମ୍ରାଟ କିଶୋରୀ ଚରଣ ଦାସଜୀ ମହାରାଜଙ୍କ ଶିଷ୍ୟ ରାଧାକାନ୍ତ ଦାସଜୀ ମହାରାଜ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ଲୀଳାମୃତ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମକୁ ସଂଘର ଅରୁଣ ଦାଶ, ଶ୍ରୀନିବାସ ପାତ୍ର, ମାମି ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଉଦଯାପନୀ ଦିବସରେ ଗରିବଙ୍କୁ ପ୍ରସାଦ, ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ୨୪ ପ୍ରହର ନାମଯଜ୍ଞକୁ ଚାନ୍ଦପୁର ଗ୍ରାମବାସୀ ପରିଚାଳନା କରିଥିଲେ । ସଂଘର ସଭାନେତ୍ରୀ ଜ୍ୟୋସ୍ନାରାଣୀ ଦାଶ, ସୁରେଶ ବରାଡ, ଶାନ୍ତି ଭୂଷଣ ପଣ୍ଡା, ଅଲେଖ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ତଥା ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।



## ମାନସ ଭବନରେ ପ୍ରବଚନ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୩।୧୧**

ସ୍ଥାନୀୟ ହନୁମାନବଜାରସ୍ଥିତ ମାନସ ଭବନଠାରେ ନବଦିନ ବ୍ୟାପୀ ଚାଲିଥିବା ପ୍ରବଚନ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମାନସ ଭବନ ସଭାପତି ସନ୍ତୋଷ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ବକ୍ତା ଭାବେ ପଣ୍ଡିତ ବିପ୍ରଚରଣ ମିଶ୍ର ଯୋଗଦେଇ ଶ୍ରୀରାମଙ୍କ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଉପଦେଷ୍ଟା ବୀରେନ୍ଦ୍ର ସିଂଦେଓ, ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁ, ପୂଜା କମିଟି ଅଧ୍ୟକ୍ଷ ଭାସ୍କର ପାତ୍ର, କଳାରତ୍ନ ଇଂ.ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାଙ୍କ ସହ ଅନ୍ୟ କର୍ମକର୍ତ୍ତା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୁଗୁଡ଼ା,୧୩।୧୧(ଡି.ଏନ.ଏ.)**

ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ଅନ୍ତର୍ଗତ କୁମୁଟିଘାଇ ନିକଟ ଏକ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ସକାଳେ ପୋଲିସ ଉଦ୍ଧାର କରିଛି । ମୃତକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କୁମୁଣ୍ଡା ଗ୍ରାମର ବିଶିକେଶନ ପ୍ରଧାନ (୨୭)। କୌଣସି କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରିଛି। ଏ ନେଇ ବୁଗୁଡ଼ା ଥାନାରେ ନଂ.୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

ବିଶିକେଶନ କିଛିବର୍ଷ ହେଲା କୁମୁଟିଘାଇରେ ତାଙ୍କ ପିଉସା ଘରେ ରହି ଆସୁଥିଲେ। କରଚୁଲିରେ ସେ ଏକ ମୋବାଇଲ ଦୋକାନ କରିଥିଲେ। ନିକଟସ୍ଥ ଗ୍ରାମର ଜଣେ ଯୁବତୀଙ୍କ ସହ ତାଙ୍କର କୁଆଡ଼େ ପ୍ରେମ ସମ୍ପର୍କ ଥିବା ଏବଂ ଏହି ବିଷୟ ଥାନା ପର୍ଯ୍ୟନ୍ତ ଯାଇଥିଲା ବୋଲି କୁହାଯାଉଛି। ତେବେ ବୁଧବାର ବିଶିକେଶନଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ପରିବାର ଲୋକ ପୋଲିସକୁ ଖବର ଦେଇଥିଲେ। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଯିବା ସହ ତଦନ୍ତ ଜାରି ରହିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି ।

■ ସ୍ୱଚ୍ଛ ନିର୍ମଳ ତଟ ଅଭିଯାନର ତୃତୀୟ ଦିବସ

## ସାମିଲ ହେଲେ ଗୁରୁକୁଳ ଇଣ୍ଟରନ୍ୟାଶନାଲର ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୧୩।୧୧**

ଗୋପାଳପୁର ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର କରିବା ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ନିର୍ମଳ ତଟ ଅଭିଯାନ ଓ ମୋ ଗୋପାଳପୁର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ସୋମବାରଠାରୁ ବେଳାଭୂମିରେ ଏହି କାର୍ଯ୍ୟକ୍ରମ ଚାଲିଛି। ବୁଧବାର କାର୍ଯ୍ୟକ୍ରମର ତୃତୀୟ ଦିବସରେ ବ୍ରହ୍ମପୁର ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ସାମିଲ ହୋଇ ବେଳାଭୂମି ସଫେଇ କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ଜିଲାପାଳ ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍କୁଲର ଉପାଧ୍ୟକ୍ଷ ଭିକାରି ଚରଣ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବେଳାଭୂମି ନିକଟରୁ ବାହାରି ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ଗୋପାଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀ, ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷ ନରସିଂହ ସାହୁ, ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ବେଳାଭୂମି ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇଥିଲେ । ମଙ୍ଗଳବାର ବୋଇତ ବନ୍ଦାଣ ପରେ ଆବର୍ଜନାପୂର୍ଣ୍ଣ ହୋଇଥିବା ବେଳାଭୂମିକୁ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ସଫେଇ କରିଥିଲେ। ଏଥିସହ ବେଳାଭୂମିକୁ ସ୍ୱଚ୍ଛ ରଖିବା ନେଇ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ଇକୋ କ୍ଲବର ସଦସ୍ୟ, ଏସ୍‌ଏଚଜି ଗ୍ରୁପ, ଏନଏସସି କର୍ମଚାରୀଙ୍କ ସମେତ ଆଖପାଖ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲର ଛାତ୍ରୀଛାତ୍ର ଓ ସ୍କୁଲର କର୍ମକର୍ତ୍ତା।

# ୧୫୨୨ ଛାତ୍ରୀଛାତ୍ରଙ୍କୁ ମିଳିବ ଲାପ୍‌ଟପ୍

**ବ୍ରହ୍ମପୁର ଅଫିସ,୧୩।୧୧**

ଯୁକ୍ତ ୨ରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣା ଲାପଟପ୍ ପ୍ରଦାନ ପାଇଁ ତାଲିକା ଚୂଡ଼ାନ୍ତ ହୋଇଛି । ଗଞ୍ଜାମ ଜିଲାରେ ଚଳିତବର୍ଷ ୧୫୨୨ ଛାତ୍ରୀଛାତ୍ର ଲାପଟପ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ପ୍ରସ୍ତୁତ କଟ୍‌ଅଫ୍ ମାର୍କଠାରୁ ଅଧିକ ମାର୍କ ଆଣିଥିବା ଛାତ୍ରୀଛାତ୍ରମାନେ ଏହି ଲ୍ୟାପଟପ୍ ପାଇବେ । ତେବେ କେବେଠୁ ଏହା ବଣ୍ଟନ କରାଯିବ ତାରିଖ ଚୂଡ଼ାନ୍ତ ହୋଇନାହିଁ ।

ଯୁକ୍ତ ୨ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ପ୍ରତିବର୍ଷ ଲାପ୍‌ଟପ୍ ଦିଆଯାଉଛି। ଏହିକ୍ରମରେ ଚଳିତବର୍ଷ ଗଞ୍ଜାମ ଜିଲାରେ ମୋଟ ୧୫୨୨ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ମିଳିବ। ସେମାନଙ୍କ ମଧ୍ୟରେ କଳା ବିଭାଗରେ ସାଧାରଣ ବର୍ଗର ୩୦୬ ଛାତ୍ରୀଛାତ୍ର ରହିଥିବା ବେଳେ ଅନୁସୂଚିତ ଜାତିର ୮୧ ଏବଂ ଅନୁସୂଚିତ ଜନଜାତିର ୧୧୧ଜଣ ରହିଛନ୍ତି । ବିଜ୍ଞାନ ବିଭାଗରେ ସାଧାରଣ ବର୍ଗର ୪୯୦, ଅନୁସୂଚିତ ଜାତିର ୧୩୧ ଏବଂ ଅନୁସୂଚିତ ଜନଜାତି ବର୍ଗର ୧୮୦ ଛାତ୍ରୀଛାତ୍ର ରହିଛନ୍ତି । ବାଣିଜ୍ୟ ବିଭାଗରେ ସାଧାରଣ ବର୍ଗର ୧୩୩, ଅନୁସୂଚିତ ଜାତିର ୩୦ ଏବଂ ଅନୁସୂଚିତ ଜନଜାତିର ୪୦ ଛାତ୍ରୀଛାତ୍ର ଲାପଟପ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ସଂସ୍କୃତରେ ମୋଟ ୧୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୯ ଛାତ୍ରୀଛାତ୍ର ଲାପଟପ ପାଇବେ। ରାଜ୍ୟର ଅନ୍ୟ ଜିଲାଗୁଡ଼ିକ ସହ ତୁଳନା କଲେ ଗଞ୍ଜାମ ଜିଲା ଦ୍ୱିତୀୟ ସ୍ଥାନରେ ରହିଛି । ଖୋର୍ଦ୍ଧା ଜିଲାର ସର୍ବାଧିକ ୧୬୨୪ଜଣ ଛାତ୍ରୀଛାତ୍ର ରହିଛନ୍ତି ।




ଗତ ଯୁକ୍ତ ୨ପରୀକ୍ଷାରେ ଯେଉଁମାନେ ଭଲ ପ୍ରଦର୍ଶନ କରିଥିଲେ, ରାଜ୍ୟବ୍ୟାପୀ ସେଭଳି ମୋଟ ୧୫ହଜାର ଛାତ୍ରୀଛାତ୍ରଙ୍କୁ ଲାପଟପ୍ ପ୍ରଦାନ କରାଯିବ । ରାଜ୍ୟରେ ୩୦ ଜିଲା ପାଇଁ ୩୦ ନୋଡ଼ାଲ୍ ସେଣ୍ଟର୍ କରାଯାଇଛି । ଗଞ୍ଜାମ ଜିଲା ପାଇଁ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନୋଡ଼ାଲ୍ ସେଣ୍ଟର ରହିଛି । ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ତରଫରୁ ଲାପଟପ୍‌ଗୁଡ଼ିକ ନୋଡ଼ାଲ ସେଣ୍ଟର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ। ଜିଲାରେ କେବେ ଲାପଟପ୍ ବଣ୍ଟାଯିବ ତାହା ସ୍ଥିର ହୋଇନାହିଁ । ତେବେ ଡିସେମ୍ବର ୩୧ତାରିଖ ସୁଦ୍ଧା ନୋଡ଼ାଲ କେନ୍ଦ୍ରରୁ ଛାତ୍ରୀଛାତ୍ରମାନେ ଲ୍ୟାପଟପ୍ ସଂଗ୍ରହ କରିପାରିବେ। ଯଦି କୌଣସି ଛାତ୍ରୀଛାତ୍ର ନିଜେ ଆସି ନ ପାରନ୍ତି, ତେବେ ସେ ଯାହାଙ୍କୁ ଲାପଟପ୍ ସଂଗ୍ରହ କରିବା ପାଇଁ ପଠାଇବେ, ସେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ। ଅନ୍ୟପଟେ ସୁରୁଖୁରରେ ଲାପଟପ ବଣ୍ଟନ ପାଇଁ ଜିଲାସ୍ତରରେ କମିଟି ଗଠିତ ହୋଇଛି । ଏହାର ଅଧ୍ୟକ୍ଷ ଜିଲାପାଳ ରହିଥିବା ବେଳେ ସଂଯୋଜକ ଭାବେ ନୋଡ଼ାଲ୍ କଲେଜର ଅଧ୍ୟକ୍ଷ ଏବଂ ବଣ୍ଟନ ଦାୟିତ୍ୱରେ ଥିବା ଅଧ୍ୟାପକ ଏହି କମିଟିରେ ସଦସ୍ୟ ରହିଛନ୍ତି ।

ସୂଚନାଯୋଗ୍ୟ, ଗତ ୨୦୧୪ ମସିହାରୁ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଲାପଟପ୍ ବଣ୍ଟନ କରାଯାଉଛି । ପ୍ରଥମ ବର୍ଷ ଗଞ୍ଜାମ ଜିଲାର ୧୫୪୨ ଛାତ୍ରୀଛାତ୍ର ଲ୍ୟାପଟପ୍ ପାଇଥିଲେ । ୨୦୧୫ରେ ୧୪୩୮, ୨୦୧୬ରେ ୧୩୭୨, ୨୦୧୭ ମସିହାରେ ୧୫୦୧ ଜଣ ଲ୍ୟାପଟପ୍ ପାଇଥିଲେ। ୨୦୧୮ରେ ୧୪୫୯ ଛାତ୍ରୀଛାତ୍ର ଲାପଟପ୍ ପାଇଥିଲେ । ଗତ ୪ ବର୍ଷକୁ ତୁଳନା କଲେ ଚଳିତ ବର୍ଷ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଲାପଟପ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ସଂକ୍ଷେପରେ

### ବାର୍ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣେ ମୃତ



ଖଲ୍ଲିକୋଟ,୧୩।୧୧(ଡି.ଏନ୍.ଏ.)- ଖଲ୍ଲିକୋଟ ଥାନା ପିହାଣିଆ ଗ୍ରାମ ନିକଟ ଜମିରେ ଜଙ୍ଗଲୀ ବାର୍ହା ମାରିବା ପାଇଁ ଲୁହାତାର ବିଛାଇ ବିଦ୍ୟୁତ ସଂଯୋଗ କରାଯାଇଥିଲା। ବୁଧବାର ପାହାନ୍ତାରେ ପାହାଣିଆ ଗ୍ରାମର ସୁକାନ୍ତ ସେଠୀ(୪୪) ସେହି ବାଟଦେଇ ଆସୁଥିବାବେଳେ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସମ୍ପର୍କୀୟ ଲୋକେ ଓ ଗ୍ରାମବାସୀ ଦାହ ପାଇଁ ଗ୍ରାମ ମଶାଣିକୁ ନେଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଏସ୍ଆଇ ଶିଲୁ ଧଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏଥିସହ ଜମିରେ ଥିବା ବିଦ୍ୟୁତ ତାରକୁ ଜବତ କରି ଥାନାକୁ ଆଣିଥିଲେ। ନଂ.୩୨୫/୧୯ରେ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବ୍ରହ୍ମପୁର ପଠାଯାଇଥିଲା। ପୋଲିସ ଅନୁସନ୍ଧାନ ଜାରି ରଖିଛି।

### ମହିଳାଙ୍କ ଆତ୍ମହତ୍ୟା ଘଟଣା, ସ୍ୱାମୀ ଗିରଫ

କୁକୁଡାଖଣ୍ଡି,୧୩।୧୧(ଡି.ଏନ.ଏ.): ସଦର ଥାନା ଅନ୍ତର୍ଗତ ଗୋବନ୍ଦ ବିହାରରେ ରହୁଥିବା କନଷ୍ଟେବଲ ମନୋଜ ରଉତଙ୍କ ସ୍ତ୍ରୀ ମୋନିକା ଗତ ସୋମବାର ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ବୁଧବାର ମନୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୋନିକାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ସେବେଠୁ ମନୋଜଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିଲା। ବୁଧବାର ଏ ନେଇ ନଂ.୩୧୩/୧୯ରେ ଏକ ମାମଲା ରୁଜୁ କରାଯାଇ ମନୋଜଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି।

### ପାଇଥିବା ଟଙ୍କା ଫେରାଇଲେ ଯୁବକ

ଭଞ୍ଜନଗର,୧୩।୧୧(ଡି.ଏନ.ଏ): ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଗୋହିରିବାଡ଼ିର ଖଗେଶ୍ୱର ନାୟକ ବୁଧବାର ପୂର୍ବାହ୍ନରେ ଏକ ମନିପର୍ସ ପାଇଥିଲେ। ସେଥିରେ ୨,୭୩୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଥିଲା । ଖଗେଶ୍ୱର ଗୁଣ୍ଡିରିବାଡ଼ି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ମାଟିଆ ନାଇକଙ୍କୁ ଏ ସମ୍ପର୍କରେ କହିଥିଲେ । ପରେ ଖଗେଶ୍ୱର ଓ ମାଟିଆ ମିଶି ଭଞ୍ଜନଗର ଆସି ଥାନା ଅଧିକାରୀ ସୁଦିପ୍ତ ସାହୁଙ୍କୁ ଭେଟି ଉକ୍ତ ଟଙ୍କା ଓ କାଗଜପତ୍ର ହସ୍ତାନ୍ତର କରିଥିଲେ । ଏହି ସମୟରେ ଭାଜପା ନେତା ସନ୍ତୋଷ ପାଲ ପ୍ରମୁଖ ଉପସ୍ଥିତ ଥିଲେ ।

### 'ସା'ରୁ ପଶ୍ଚିମବଙ୍ଗ ଦମ୍ପତିଙ୍କ ପୋଷ୍ୟକନ୍ୟା ଗ୍ରହଣ

ପାରଳାଖେମୁଣ୍ଡି,୧୩।୧୧ (ସ୍ୱ.ପ୍ର.):ପାରଳାଖେମୁଣ୍ଡି ସ୍ଥିତ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରୁ ପଶ୍ଚିମବଙ୍ଗର ଦମ୍ପତି ଏକ ଶିଶୁକନ୍ୟାକୁ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ପୋଷ୍ୟକନ୍ୟା ଗ୍ରହଣ ପାଇଁ ପୂର୍ବରୁ ସେମାନେ ଅନ୍‌ଲାଇନ୍ ଜରିଆରେ ପୋଷ୍ୟ ସମ୍ବଳ ସଂସ୍ଥାକୁ ଦରଖାସ୍ତ କରିଥିଲେ। ତାଙ୍କ ଦରଖାସ୍ତ ଓ ସମସ୍ତ ପ୍ରମାଣ ପତ୍ରକୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା ଅନୁମୋଦନ କରିବାପରେ ଏହି ଦମ୍ପତି ଗଜପତିକୁ ଆସି ଶିଶୁକନ୍ୟାକୁ ଦେଖିଥିଲେ। ଏହାପରେ ଜିଲା ପୋଷ୍ୟ ସନ୍ତାନ କମିଟି ତାଙ୍କ ଦରଖାସ୍ତକୁ ଯାଞ୍ଚ କରି ଦରଖାସ୍ତକୁ ଅନୁମୋଦନ କରିଥିଲେ। ଗତ ୧୧ ତାରିଖରେ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ପହଞ୍ଚିଥିବାବେଳେ ଗଜପତି ଜିଲାପାଳ ଅନୁପମ ଶାହା ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିଶୁ କନ୍ୟାଟିକୁ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ କଲ୍ୟାଣ ସମିତିର ସଭ୍ୟ ହିରଣ୍ୟ ରାୟ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ ସୂର୍ଯ୍ୟ ଉପସ୍ଥିତ ଥିଲେ।

---

### ଏନ୍ଏସିର ଅଳିଆ ପକାଇବାକୁ ନେଇ ଅସନ୍ତୋଷ

# ଖୁବ୍‌ଶୀଘ୍ର ହେବ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

ଭଞ୍ଜନଗର,୧୩।୧୧(ଡି.ଏନ.ଏ)

ଭଞ୍ଜନଗର ସହରରୁ ଦୈନନ୍ଦିନ ବାହାରୁଥିବା ଅଳିଆକୁ ସହର ବାହାରେ ପକାଇବାକୁ ଏନ୍ଏସି ପାଖରେ ବର୍ତ୍ତମାନ ଉପଯୁକ୍ତ ସ୍ଥାନର ଅଭାବ ରହିଛି। ତେଣୁ ବିଭିନ୍ନ ସ୍ଥାନରେ ଏଗୁଡିକୁ ପକାଯାଉଛି। ଏନେଇ ଜନଅସନ୍ତୋଷ ଦେଖାଦେବା ସହ ଅଭିଯୋଗ ସଂଖ୍ୟା ମଧ୍ୟ ବଢୁଛି। ଅପରପକ୍ଷେ ସହରଠୁ ବହୁ ଦୂରରେ ନେଇ ଅଳିଆ ପକାଇଲେ ଏନ୍ଏସିର ଖର୍ଚ୍ଚ ମଧ୍ୟ ବଢିବ। ବର୍ତ୍ତମାନ ଦୈନନ୍ଦିନ ସହରରୁ ବାହାରୁଥିବା ଅଳିଆଆବର୍ଜନା ଗୁଡ଼ିକୁ ମତ୍ସ୍ୟ ଯାଆଁଳ କେନ୍ଦ୍ର ନିକଟ, ଠାକୁରାଣୀ ମନ୍ଦିର ନିକଟ, ମାଳସାହି ପ୍ରମୁଖ ସ୍ଥାନରେ ନେଇ ପକାଯାଉଛି। ଅଳିଆ ପଡୁଥିବା ସ୍ଥାନ ନିକଟରେ ବସବାସ କରୁଥିବା ଲୋକେ ଦୁର୍ଗନ୍ଧ ଯୋଗୁ ଅସୁବିଧାର



ମତ୍ସ୍ୟ ଯାଆଁଳ କେନ୍ଦ୍ର ନିକଟରେ ପଡ଼ିଥିବା ଅଳିଆ।

ସମ୍ମୁଖୀନ ହେଉଛନ୍ତି। ମଇଳା ପକାଇବା ସମୟରେ ଏନ୍ଏସି କର୍ମଚାରୀ ଓ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ଯୁକ୍ତିତର୍କ ହେଉଛି। ଫଳରେ ୬୪ଲକ୍ଷ ଟଙ୍କା ବ୍ୟୟରେ ଏନ୍ଏସି ପକ୍ଷରୁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ଉକ୍ତ କାମର ଟେଣ୍ଡର ଖୋଲିବ। ଟେଣ୍ଡର ପେପର ଚୁକ୍ତି ହେବାପରେ ୨ମାସରେ କାମ ସରିବ। ଉକ୍ତ ପ୍ଲାଣ୍ଟର କାମ ହେଲା ଅଳିଆଗୁଡିକ ବ୍ୟବହାର କରାଯାଇ ସେଥିରୁ ଖତ ପ୍ରସ୍ତୁତ ହେବ ଓ ଏହାକୁ ବିକ୍ରି କରାଯିବ। ଏଥିସହ କଠିନ ଦ୍ରବ୍ୟକୁ ସିମେଣ୍ଟ କାରଖାନାକୁ ଦିଆଯିବ। ଏହାଦ୍ୱାରା ପରିବେଶ ସଫା ରହିବା ସହ ଏନ୍ଏସିର ରାଜସ୍ୱ

**ସଫା ରହିବ ପରିବେଶ**

ବୃଦ୍ଧି ହେବ। ତୁରନ୍ତ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରିବା ପାଇଁ ଦାବି ହୋଇଛି।

ଏନେଇ ଏନ୍ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଲୋକଙ୍କ ଅଭିଯୋଗ ଆସୁଛି। କିଛିଦିନ ମଧ୍ୟରେ ଏହି ସମସ୍ୟା ଦୂର ହୋଇଯିବ। ବର୍ତ୍ତମାନ ସହରଠୁ ଦୂର ହେଲେ ମଧ୍ୟ ସୋରାଦେବୀ ଜଙ୍ଗଲ ଅଞ୍ଚଳରେ ଅଳିଆ ପକାଇବା ବ୍ୟବସ୍ଥା କରାଯାଉଛି। ଟ୍ରିଟ୍‌ମେଣ୍ଟ ପ୍ଲାଟଂ କାମ ହୋଇଗଲେ ଏହି ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ। ଝାଙ୍କରେଇ ଶ୍ମଶାନ ନିକଟରେ ଉକ୍ତ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ହେବ। ଯେଉଁଠି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟହେବ ସେଠି ମଧ୍ୟ କୌଣସି ଗନ୍ଧ ହେବ ନାହିଁ। ଯେହେତୁ ମଇଳାଗୁଡ଼ିକ ମେଶିନ ଭିତରେ ସିଧା ପକାଯିବ।

# ଦାଦନ ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର,୧୩।୧୧(ଡି.ଏନ.ଏ)

ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ସରନୂଆପଲ୍ଲୀର ସନ୍ତୋଷ ଗୌଡ଼ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ ଘରକୁ ଅଣାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଛି। ସନ୍ତୋଷ ଗତ କିଛି ମାସ ହେଲା ତାମିଲନାଡୁ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ୩ଦିନ ପୂର୍ବେ ହଠାତ୍ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ । ଆର୍ଥିକ ଅନାଟନ ଯୋଗୁ ସେଠାରେ ତାଙ୍କର ଉପଯୁକ୍ତ ଚିକିତ୍ସା ହୋଇପାରି ନ ଥିଲା । ତେଣୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏକ ଆମ୍ବୁଲାନ୍ସରେ ଅଣାଯାଉଥିବା ବେଳେ ବାଟରେ ସନ୍ତୋଷଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସନ୍ତୋଷଙ୍କ ପରିବାର ବହୁତ ଗରିବ । ତେଣୁ ତାଙ୍କ ପରିବାରକୁ ତୁରନ୍ତ ସରକାରଙ୍କ ପକ୍ଷରୁ ସନ୍ତୋଷଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହୋଇଛି ।

# ଗାୟତ୍ରୀ ଶକ୍ତିପୀଠର ପ୍ରତିଷ୍ଠା ଦିବସ



ଶକ୍ତିପୀଠରେ ହୋମ ଚାଲିଛି।

ଗଞ୍ଜାମ,୧୩।୧୧(ଡି.ଏନ.ଏ.)

ରମ୍ଭା ସହରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଚାଲିଥିବା ୩୫ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ୩ ଦିନିଆ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା , ଦ୍ୱିତୀୟ ଦିନ ବ୍ଲଡ କ୍ୟାମ୍ପ ଓ ତୃତୀୟ ଦିନ ମାଗଣା ଚକ୍ଷୁ ପରୀକ୍ଷା ହୋଇଥିଲା । ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ରମ୍ଭା ଏନଏସି ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ସହଦେବ ଗୌଡ଼, ପଞ୍ଚାନନ ଖଟୁଆ (ସଦସ୍ୟ), ଟି. ରାମମୂର୍ତ୍ତି ପୃଷ୍ଟି, ଟି. ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ଦୟାନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ପ୍ରେସ କ୍ଲବ ସଦସ୍ୟମାନଙ୍କୁ ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶକ୍ତିପୀଠଠାରେ ମନ୍ତ୍ର ନେଇଥିବା ଗୁରୁଭାଇମାନେ ହୋମ ଓ ପୂଜାର୍ଚ୍ଚନା କରିଥିଲେ ।

### ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

# ପ୍ରତି ପଞ୍ଚାୟତରେ ଖେଳପଡ଼ିଆ, ନର୍ସରି

ଶେରଗଡ଼,୧୩।୧୧(ଡି.ଏନ.ଏ.)

ଶେରଗଡ଼ ବ୍ଲକ ସଭାଗୃହରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଅପରାହ୍ନରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପସ୍ଥିତ ସରପଞ୍ଚ, ଗ୍ରାମ ସେବକ ଓ ଗ୍ରାମରୋଜଗାର ସେବକଙ୍କୁ ନିଜ ପଞ୍ଚାୟତରେ ଖେଳପଡ଼ିଆ, ନର୍ସରୀ, ପାଠାଗାର ତୁରନ୍ତ ଖୋଲନ୍ତୁ। ଏନେଇ ଯାହା ସହାୟତା ଆବଶ୍ୟକ ତୁରନ୍ତ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଏଥିସହ ଅଧାପନ୍ତରିଆ ଥିବା ଉନ୍ନୟନମୂଳକ କାମ ତୁରନ୍ତ ସାରିବାକୁ ବ୍ଲକର ସମସ୍ତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ କାର୍ଯ୍ୟଦିବସ ସୃଷ୍ଟି କରନ୍ତୁ, ବିଜୁ ପକ୍କାଘର, ମୋ କୁଡ଼ିଆ ଯୋଜନାରେ ହିତାଧିକାରୀଙ୍କ ଘରକୁ ଯେପରି ତୁରନ୍ତ କାମ ସରିବ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ଜିଲାପାଳ କୁଲାଙ୍ଗେ କହିଥିଲେ। ବୈଠକରେ ଜିଲାପାଳଙ୍କ ସମେତ ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସାଠିଆ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବିଡ଼ିଓ ସୁରଞ୍ଜନ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡ଼ଙ୍ଗୀ, ଏବିଡ଼ିଓ ଧରଣୀ ଧର ଭୂୟାଁ ଉପସ୍ଥିତ ଥିଲେ। ସମସ୍ତ ପଞ୍ଚାୟତର ଯନ୍ତ୍ରୀ, ସରପଞ୍ଚ, ଗ୍ରାମସେବକ, ଗ୍ରାମରୋଜଗାର ସେବକମାନେ ବୈଠକରେ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ମୃତ ଛାତ୍ରୀଙ୍କ ଲାଗି ଶୋକସଭା

ଛତ୍ରପୁର,୧୩।୧୧(ଡି.ଏନ.ଏ.): ଛତ୍ରପୁର ବ୍ଲକ ନରେନ୍ଦ୍ରପୁରସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ କେ ତୃପ୍ତି ଦୋରାଙ୍କ ଗତ ସୋମବାର ଋଷିକୁଲ୍ୟା ସେତୁ ଉପରେ ଟ୍ରକ ଧକ୍କାରେ ମୃତ୍ୟୁ ହୋଇଥିଲା। ଏ ନେଇ ବୁଧବାର ମହାବିଦ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ସୁଶାନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକ ସଭାର ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# କଉଡ଼ିଆରେ ନାଟକ ଉଦ୍‌ଘାଟନ କଲେ ବିଧାୟକ

ପାଟପୁର,୧୩।୧୧(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ କଉଡିଆ ଗ୍ରାମଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ପୌରାଣିକ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ସରପଞ୍ଚ ଜୟନ୍ତୀ ଖୁଣ୍ଟିଆ, ଗ୍ରାମ୍ୟ ସଭାପତି ନାରୁସୁ ପ୍ରଧାନ, ଶିଶିର ଦଳାଇ, ଅଜୟ ଦଳାଇ, ମିତ୍ରଭାନୁ ଦଳାଇ, ଅଭିମନ୍ୟୁ ବିଷୋୟୀ, ଜଗନ୍ନାଥ ଜେନା ଓ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ରମେଶ ଜେନା ନାଟକ ଉଦ୍‌ଘାଟନ କରୁଛନ୍ତି ।

### କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ଶିଳାନ୍ୟାସ

ପାରଳାଖେମୁଣ୍ଡି, ୧୩।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଟାଉନହାଲ ପରିସରରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଏକ କମ୍ୟୁନିଟି ହଲ୍ ନିର୍ମାଣ ହେବ। ଏଥିପାଇଁ ବୁଧବାର ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଶୁଭ ଦେଇଛନ୍ତି। ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପର ନିର୍ମାଣ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଜିଲା ଭାଜପା ସଭାପତି ଜି. ଭେଙ୍କଟ ରାବଣା ଯୋଗଦେଇଲେ। ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ପୌରପରିଷଦ ଅଧିନସ୍ଥ ୧୪ନଂ ୱାର୍ଡ ଅଧୀନସ୍ଥ ଭୋଇସାହିରେ ଏକ କମ୍ୟୁନିଟି ହଲ ନିର୍ମାଣ ପାଇଁ ଯୁବଗୋଷ୍ଠୀ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ଫଳରେ ବିଧାୟକ ନିଜ ହାତ ପାଣ୍ଠିରୁ କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରସଂସ୍ଥାର ପୂର୍ବତନ ଅଧକ୍ଷ ପିନନ୍ତିକ୍ରିଷ୍ଣା, ଜିଲା ଭାଜପା ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ରଙ୍କ ସମେତ ବରିଷ୍ଠ କର୍ମୀ ଜମିଦାର ପଟ୍ଟନାୟକ, ଟି. ଶରତ କୁମାର, ମହିଳା ମୋର୍ଚ୍ଚା ନେତ୍ରୀ ଅରୁଣିମା ସାହୁ ଏବଂ ଭୋଇସାହିର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

# ଛୁଟିଦିନରେ ଡାକ୍ତରଙ୍କ ଅଭାବ

ପାରଳାଖେମୁଣ୍ଡି,୧୩।୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଛୁଟି ଦିନରେ ଏଠାରେ ଡାକ୍ତରଙ୍କ ଅଭାବ ଦେଖିବାକୁ ମିଳୁଛି। ଏପରିକି ଅନେକ ସମୟରେ ଜଣେ ମାତ୍ର ଡାକ୍ତର ସମସ୍ତ ଦାୟିତ୍ୱ ତୁଲାଉଥିବା ଦୃଷ୍ଟିକୁ ଆସିଛି । ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସରକାରୀ ଛୁଟି ଥିବା ଯୋଗୁ ଦିନ ସମୟରେ ଜଣେ ମାତ୍ର ଡାକ୍ତର ସମସ୍ତ ବିଭାଗର ଦାୟିତ୍ୱ ତୁଲାଉଥିବା ଦେଖିବାକୁ ମିଳିଥିଲା । ସେହିପରି ରବିବାର, ଦ୍ୱିତୀୟ ଶନିବାର ଏବଂ ଅନ୍ୟ ସରକାରୀ ଛୁଟି ଦିନମାନଙ୍କରେ ମଧ୍ୟ ଏଠାରେ ଡାକ୍ତରଙ୍କ ଅଭାବ ଦେଖିବାକୁ ମିଳୁଛି। ହେଲେ ଏଠାରେ କେହି ରୋଗୀ କିମ୍ବା ସମ୍ପର୍କୀୟ ଏ ସମ୍ପର୍କରେ ଅଭିଯୋଗ କରିବାକୁ ଚାହିଁଲେ ତାହା ଶୁଣିବାକୁ ମଧ୍ୟ କୌଣସି ଅଧିକାରୀ ରହୁନାହାନ୍ତି। ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ମଧ୍ୟ ଅନେକ ସମୟରେ ଏବଂ ଛୁଟି ଦିନରେ ଚିକିତ୍ସାଳୟରେ ଅନୁପସ୍ଥିତ ରହୁଥିବାରୁ କେହି ଅଭିଯୋଗ ମଧ୍ୟ କରିପାରୁନାହାନ୍ତି। ଏହା ଜିଲା ମୁଖ୍ୟ ଚିକିତ୍ସାଳୟ

**ଜିଲା ମୁଖ୍ୟ ଚିକିତ୍ସାଳୟ**

ହୋଇଥିବାରୁ ପାରଳାଖେମୁଣ୍ଡି ସହର ସମେତ କାଶୀନଗର, ଗୁମ୍ମା, ଗୋଷାଣୀ, ରାୟଗଡ଼, ମୋହନା, ଆର୍. ଉଦୟଗିରି, ନୂଆଗଡ଼ ଆଦି ଦୁର୍ଗମ ଅଞ୍ଚଳରୁ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ସେହିପରି କୌଣସି ଦୁର୍ଘଟଣା ଘଟିଲେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥାଏ। ମାତ୍ର ଛୁଟି ଦିନରେ ଅସ୍ଥିଶଲ୍ୟ ବିଭାଗରେ ମଧ୍ୟ ଡାକ୍ତର ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି। ସେହିପରି ଦୀର୍ଘ ଦିନ ହେଲା ଚକ୍ଷୁ ବିଭାଗରେ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀ ବାଧହୋଇ ଘରୋଇ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥାନ୍ତି। ଅନ୍ୟପକ୍ଷରେ କେବଳ ଅସ୍ଥିଶଲ୍ୟ ବିଭାଗ ନୁହେଁ, ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମଧ୍ୟ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଅନେକ ରୋଗୀ ଘଣ୍ଟା ଘଣ୍ଟା ସମୟ ଧାଡ଼ିରେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି। ଜିଲା ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ସହରବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।

### ସମବାୟ ସମିତି ଦେଇଥିବା ବିହନ ଅଗାଡ଼ି

# କ୍ଷତିପୂରଣ ଦାବି କଲା ଓଡ଼ିଶା କୃଷକ ସଭା

ଗଞ୍ଜାମ,୧୩।୧୧(ଡି.ଏନ.ଏ.)

ଚଳିତ ବର୍ଷ ସମବାୟ ସମିତି ପକ୍ଷରୁ ବିକ୍ରି ହୋଇଥିବା ସରକାରୀ ବିହନ ଧାନ ସବୁ ଅଗାଡ଼ି ହୋଇଥିବା ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି ଅଭିଯୋଗ କରିଛି। ଏନେଇ କମିଟି ପକ୍ଷରୁ ଜିଲାପାଳଙ୍କୁ ଲିଖିତଭାବେ ଅଭିଯୋଗ କରାଯାଇଛି। କ୍ଷତିପୂରଣ ନ ଦେଲେ ଆନ୍ଦୋଳନ ଚେତାବନୀ ଦେଇଛି ଓଡ଼ିଶା କୃଷକ ସଭା। ପୋଇରାଶି ପଞ୍ଚାୟତ ପୋଇରାଶି ସେବା ସମବାୟ ସମିତିରୁ ବଡ଼ରାମଚନ୍ଦ୍ରପୁର ଓ ପୋଇରାଶି ଗ୍ରାମ ସମେତ ଭୁଆଁଭୁଇଁ, ତାରିଣୀପଲ୍ଲି ଆଦି ଅଞ୍ଚଳର ଚାଷୀମାନେ ଧାନ ବିହନ ନେଇ ଜମିରେ ବୁଣିଥିଲେ। କିନ୍ତୁ ତାହା ଧାନ ବଦଳରେ ଅଗାଡ଼ି ହୋଇଥିବା ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। ଋଣ ଆଣି ଚାଷ କରିଥିବା ଚାଷୀଙ୍କୁ ଏବେ ଘାରିଛି କରଜ ଚିନ୍ତା। କିପରି କରଜ ଶୁଝିବେ ବୋଲି କୃଷକ ସଭା ଜିଲାପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛି। ଏଥିପାଇଁ କ୍ଷତିପୂରଣ, ଋଣଛାଡ଼, ଫସଲବୀମା, ବିନା ସୁଧରେ ଏକ ଲକ୍ଷ ଟଙ୍କା ଋଣ ପ୍ରଦାନ, ଆସନ୍ତା ଫସଲ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଇବା ଆଦି ପ୍ରମୁଖ ଦାବି ରହିଛି। ତୁରନ୍ତ ତଦନ୍ତ କରି କ୍ଷୟକ୍ଷତି ଆକଳନ ପାଇଁ ଓଡ଼ିଶା କୃଷକ ସଭା ଜିଲା ସମ୍ପାଦକ ପି. ହରେକୃଷ୍ଣ ରେଡ୍ଡୀ ଦାବି କରିଛନ୍ତି।

### ଲଣ୍ଡାବାଉଁଶରେ ଫସଲ ନଷ୍ଟ କରୁଛି ବାର୍ହା

# ଶିକାର ଲାଗି ବିଛାଯାଇଥିବା ତାର ଜବତ

ଛତ୍ରପୁର,୧୩।୧୧(ଡି.ଏନ.ଏ)

ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଅଧୀନ ଲଣ୍ଡାବାଉଁଶ ଗାଁରେ ବାର୍ହା ଉପଦ୍ରବରେ ଫସଲ ନଷ୍ଟ ହେଉଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନି। ଅପରପକ୍ଷରେ ବାର୍ହା



ଉପଦ୍ରବରୁ ରକ୍ଷା ପାଇବା ପାଇଁ କେତେକ ଚାଷୀ ଜମିରେ ୧୧ କେଭି ଲାଇନ୍ ତାର ଟାଣି ଲଗାଉଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିକଟରେ ଅଭିଯୋଗ ହେଉଛି। ଏହି ଲାଇନ୍ ଚାର୍ଜ କରିବାରୁ ବାର୍ହା ଏହାର ସଂସ୍ପର୍ଶରେ ଆସୁଛନ୍ତି। ଫଳରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଛି। ଛତ୍ରପୁର ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ରାତିରେ ବିଦ୍ୟୁତ୍ ଓ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ୧୧ କେଭି ବିଦ୍ୟୁତ୍ ଲାଇନ୍‌ରେ ସଂଯୋଗ କରି ନିଆଯାଇଥିବା ତାର ଅଞ୍ଚଳର ଚାଷ ଜମିରେ ପଡ଼ିଥିବା ଦେଖିଥିଲେ। ଉକ୍ତ ବିଦ୍ୟୁତ୍ ସରଞ୍ଜାମ ଜବତ କରାଯାଇଛି। ଏହାର ତଦନ୍ତ କରିବା ପାଇଁ ବନ ବିଭାଗକୁ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ କହିଛନ୍ତି।

# ଛତ୍ରପୁର ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ଛତ୍ରପୁର,୧୩।୧୧(ଡି.ଏନ.ଏ)

ଛତ୍ରପୁର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ)ର ଜନଶୁଣାଣି ବୁଧବାର ସ୍ଥାନୀୟ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଏହି ଶୁଣାଣି କରିଥିଲେ । ଜିଲା ସୋସିଆଲ ଅଡିଟର ଡ. ରବୀନ୍ଦ୍ର ନାଥ ମଲାଣ, ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଉପାଧକ୍ଷା ଅମିତା ସାହୁ, ବିଡିଓ ଅମ୍ବିକା ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଛତ୍ରପୁର ବ୍ଲକରେ ୧୮ ପଞ୍ଚାୟତର ୨୭ ହଜାର ୮ ଜଣଙ୍କୁ ଏହି ଯୋଜନାରେ ଜବ୍‌କାର୍ଡ ମିଳିଛି । ସେଥିମଧ୍ୟରୁ ୧୪,୩୧୪ଟି ଜବକାର୍ଡରେ




ଜନଶୁଣାଣି ଚାଲିଛି।

କାମ କରାଯାଉଛି। ଏହି ଯୋଜନାରେ ୨୧,୪୩୮ ଜଣ ଶ୍ରମିକ କାମ କରୁଛନ୍ତି। ୨୦୧୮-୧୯ରେ ଏହି ଯୋଜନାରେ ୪ ଲକ୍ଷ ୩ ହଜାର ୮୮ ଶ୍ରମଦିବସ ସୃଷ୍ଟି ହୋଇଛି । ଏହି ବ୍ଲକର ୭ ହଜାର ୪୮ ଏସ୍‌ସି ଓ ୫୪୨ ଏସ୍‌ଟି ପରିବାରଙ୍କୁ ଜବକାର୍ଡ ମିଳିଛି । ୪୦୧ ପରିବାର ଏହି ଯୋଜନାରେ ୧୦୦ ଦିନର କାମ କରିଛନ୍ତି। ୨୦୧୮-୧୯ରେ ଏହି ଯୋଜନାରେ ୧୧ କୋଟି ୩୧ ଲକ୍ଷ ୭୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏହି ଯୋଜନାରେ ୬୨୩ଟି କାମ ହାତକୁ ନିଆଯାଇଥିଲା। ସେଥିରୁ ୨୫୮ଟି କାମ ସରିଥିବା ବେଳେ ୩୬୫ଟି କାମ ଚାଲିଥିବା ଜନଶୁଣାଣିରେ ଏପିଓ ଅର୍ଚ୍ଚିତା ପାଣିଗ୍ରାହୀ ସୂଚନା ଦେଇଥିଲେ । ଏହି ଯୋଜନାରେ ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ଜନସାଧାରଣ କହିଥିଲେ । ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଥିଲେ ।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍, ଚାଳକ ମୃତ

ବାଲିଗୁଡା,୧୩।୧୧(ଡି.ଏନ୍.ଏ.)- ମହାଶିଙ୍ଗି ନିକଟରେ ବୁଧବାର ଭୋରରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟିହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଲିଗୁଡା ଥାନା ସୁଣ୍ଡୁମିଲା ପଞ୍ଚାୟତର ଜଳେଶ୍ୱର ମଲିକ। ଅନ୍ୟଜଣେ ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ ପ୍ରକାଶ ଯେ, ଭୋରରୁ କ.ନୂଆଗାଁ ପଟୁ ଏକ ବାଇକରେ ଜଳେଶ୍ୱର ଓ ଅନ୍ୟଜଣେ ବାଇକରେ ବାଲିଗୁଡା ଅଭିମୁଖେ ଆସୁଥିଲେ। ତାଙ୍କ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେଇଥାନ୍ତେ। ବାଲିଗୁଡା ଥାନ ମହାଶିଙ୍ଗି ନିକଟରେ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡରେ ବାଇକ ପିଟି ହୋଇଯାଇଥିଲା। ଘଟଣା ସ୍ଥଳରେ ଜଳେଶ୍ୱରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ବାଲିଗୁଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ



ଦାରିଙ୍ଗବାଡ଼ି,୧୩।୧୧(ଡି.ଏନ.ଏ)- ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଗତ ୧ ବର୍ଷରୁ ଉର୍ଦ୍ଧ ହେବ ଫେରାର୍ ଥିବା ସ୍ୱାମୀଙ୍କୁ ଦାରିଙ୍ଗବାଡ଼ି ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସବେରେଙ୍ଗା ଗ୍ରାମର ମନୋଜ ପ୍ରଧାନ। ମାମଲା ନଂ. ୧୦୩/୧୮ ପ୍ରକାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମନୋଜ ରାଇକିଆ ଥାନା କତିଙ୍ଗିଆ ଅଞ୍ଚଳର ସୋନାଲି ପ୍ରଧାନଙ୍କୁ ବିବାହ କରିଥିଲେ। ସେମାନଙ୍କର ୩ଟି ସନ୍ତାନ। ମନୋଜ ପରେ ଅନ୍ୟ ଜଣଙ୍କୁ ପୁଣି ପ୍ରେମ ବିବାହ କରିବା ସହ ପ୍ରଥମ ସ୍ତ୍ରୀ ସୋନାଲିଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ନେଇ ସୋନାଲି ଗତବର୍ଷ ଦାରିଙ୍ଗବାଡ଼ି ଥାନାରେ ଅଭିଯୋଗ କରିଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କୁ ଧରି ମନୋଜ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ସେ ଗ୍ରାମକୁ ଆସିଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ୩ ପିଲାଙ୍କୁ ଧରି ସୋନାଲି ଏବେ ନିଜ ବାପ ଘରେ ରହୁଥିବା ପୋଲିସ କହିଛି।

### ଜଙ୍ଗଲ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର



ବୁଗୁଡ଼ା,୧୩।୧୧(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଜଙ୍ଗଲ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ଏସିଏଫ୍ ଏନ୍.ଏନ୍ ସିଂ, ଦଳପତି ଡେପୁଟି ରେଞ୍ଜର ଦୁଃଶାସନ ନାୟକ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲକୁ ନିଆଁଦାଉରୁ କିପରି ରକ୍ଷା କରାଯାଇପାରିବ, ଜଙ୍ଗଲରେ ଜୀବଜନ୍ତୁ କିପରି ସୁରକ୍ଷିତ ରହିବେ ସେ ନେଇ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବୁଗୁଡ଼ା ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ମାଣିତରା ବନପାଳ ସରସ୍ୱତୀ ନାୟକ, ଭଗବାନପୁର ବନପାଳ ଭୋଳେଶ୍ୱର ମଲିକ, ପଞ୍ଚୁଭୁତି ବନପାଳ ରୋହିତ ଗମାଙ୍ଗଙ୍କ ସମେତ ସମସ୍ତ ବନରକ୍ଷୀ, ଲିପିକା ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଓ ୨୦ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୧୩।୧୧-କବିସୂର୍ଯ୍ୟନଗର ସହର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାରରୁ ଅନୁଷ୍ଠିତ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମମାସ କାର୍ତ୍ତିକ ମାସରେ ପ୍ରତ୍ୟେକ ୱାର୍ଡ, ସାହି ଗଳିରେ ଅଷ୍ଟପ୍ରହରୀ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଭକ୍ତମାନଙ୍କ ଭଜନ ମଣ୍ଡଳୀ, ନାମ ସଂକିର୍ତ୍ତନ ଦଳ ଦେଖିବାକୁ ବେଶ ଭିଡ଼ ଜମିଥିଲା। ସମସ୍ତ ସଂକିର୍ତ୍ତନ ଦଳ ଗୌରାଙ୍ଗ-ନିତ୍ୟାନନ୍ଦ ମହାପ୍ରଭୁ ବୁଲାଇ ଶେଷରେ ନଦୀ, ପୋଖରୀରେ ବିସର୍ଜନ କରିଥିଲେ।

# ବସ୍ ଟର୍ମିନାଲ ଅନୁଧ୍ୟାନ କଲେ ଜିଲାପାଳ

ହିଞ୍ଜିଳିକାଟୁ,୧୩।୧୧(ଡ଼ି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ପୂର୍ବାହ୍ଣରେ ହିଞ୍ଜିଳିକାଟୁରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ପ୍ରଥମେ ବସ୍ ଟର୍ମିନାଲରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ। ନିର୍ମାଣାଧୀନ ବସ୍ ଟର୍ମିନାଲ କାର୍ଯ୍ୟ ତ୍ୱରାନ୍ୱିତ ସହ ଆସନ୍ତା ଡ଼ିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍ ଟର୍ମିନାଲରେ ୧ଶହରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ପାଇଁ ବସିବା ସ୍ଥାନ ନ ଥିବା ଅନୁଧ୍ୟାନ କରିଥିଲେ। ତୁରନ୍ତ ଜାତୀୟ ରାଜପଥ ନଂ-୫୯କୁ ଲାଗି ରହିଥିବା ସ୍ଥାନରେ ୪ମାର୍କେଟ ଗୃହ ବଦଳରେ ଯାତ୍ରୀ ରହିବା ପାଇଁ ଉଚ୍ଚ ମାନର ସେଡ୍ ନିର୍ମାଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ରାସ୍ତା କୋଠାବାଡ଼ି ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ସୁନ୍ଦର ଓ ଯାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା କରିବାକୁ ପରାମର୍ଶ ଦେଇଥିଲେ।



ଜିଲାପାଳ ବସ୍ ଟର୍ମିନାଲ କାର୍ଯ୍ୟ ତଦାରଖ କରୁଛନ୍ତି।

## ବ୍ଲକ ଅଫିସରେ ସମୀକ୍ଷା ବୈଠକ

ପରେ ଜାତୀୟ ରାଜପଥ ନଂ-୫୯ ବିଜୁ ପଟ୍ଟନାୟକ ଛକରେ ସଂସ୍କୃତି ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାମ ଅନୁଧ୍ୟାନ କରିଥିଲେ। ସେଠାରୁ ବ୍ଲକ ଅଫିସରେ ପହଞ୍ଚି ବ୍ଲକ ଓ ବିଭିନ୍ନ ଲାଇନ ବିଭାଗର ବିଭିନ୍ନ କାମର ଅଗ୍ରଗତି ଓ ଉପୁଜିଥିବା ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ତହସିଲଦାର ଗୋପୀନାଥ କୁଅଁର, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଉମା ଚରଣ ପାଢ଼ୀ, ଲଡୁ କିଶୋର ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଆର.ଉଦୟଗିରି, ୧୩।୧୧(ଡି.ଏନ୍.ଏ.)

ନୂଆଗଡ଼ ଗ୍ରାମ ଖ୍ରୀଷ୍ଟିଆନ ସାହିରେ ଗତ ଶୁକ୍ରବାର ଡେଙ୍ଗୁ ଚିହ୍ନଟ ହେବାପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇପଡ଼ିଛି। ଶୁକ୍ରବାରରୁ ସୋମବାର ପର୍ଯ୍ୟନ୍ତ ଗ୍ରାମର ଘରଘର ବୁଲି ସଫେଇ କରିବା ସହ ବ୍ଲିଚିଂ ସିଞ୍ଚନ, ଡେଙ୍ଗୁ ରୋଗୀମାନଙ୍କ ରକ୍ତ ପରୀକ୍ଷା କରାଯାଉଛି। ନୂଆଗଡ ଗାଁରେ ମଙ୍ଗଳବାର ସାପ୍ତାହିକ ହାଟରେ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମମତା ପାଢ଼ୀ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା। ସେହି ଟିମ ଗତ ରବିବାର ରାତି ୯ଟା ଯାଏ ଗ୍ରାମର ପ୍ରତ୍ୟେକ ସାହି ବୁଲି ଅଳିଆ ସଫା କରିଥିଲେ। ଏଥିସହ ପଥଚାରୀମାନଙ୍କୁ ଲିଫ୍‌ଲେଟ ଦେଇ ଡେଙ୍ଗୁ ରୋଗର କାରଣ ଏବଂ ଏହାର ପ୍ରତିକାର ସମ୍ପର୍କରେ ବୁଝାଇଥିଲେ। ଦୀର୍ଘମାସ ଧରି ନୂଆଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ନ ଥିଲେ ମଧ୍ୟ ଜିଲା ଚିକିତ୍ସା ଅଧିକାରୀଙ୍କ ନିଘା ନାହିଁ। ଏ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କେରେଡାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟକୁ ଆଣି ରୋଗୀ ସେବା ଚାଲିଛି।



ଡେଙ୍ଗୁ ରୋଗର ସଚେତନତା କରାଯାଉଛି।

## ୨୫୦ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ

ଶଙ୍କରାଖୋଲ, ୧୩।୧୧ (ଡି.ଏନ୍.ଏ.)

ବିଶିପଡ଼ା ସଦରଥାନା ଝାମଝରି ପଞ୍ଚାୟତର ଇର୍ପିସାରୁ ଗବନାଳରେ କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଉଦ୍ୟମରେ ବୁଧବାର ୨୫୦ ଏକର ଜମିରେ ହୋଇଥିବା ଗଞ୍ଜେଇ ଗଛକୁ କାଟିଦିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ୫୦ ଲକ୍ଷ ଟଙ୍କା ହେବ। ଏ ନେଇ ବିଶିପଡ଼ା ସଦର ଥାନାରେ ନଂ. ୯୩/୧୯ରେ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଗଛକଟା ଅଭିଯାନରେ ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଆଇଆଇସି ଆଦିତ୍ୟ କୁମାର ସେଠୀ, ନାର୍କୋଟିସ୍ ବ୍ୟୁରୋ ଭୁବନେଶ୍ୱରର ବିଶ୍ୱନାଥ ଘୋଷ, ଅବକାରୀ ବିଭାଗ ଇନ୍‌ସପେକ୍ଟର ସୁରେଶ ଚନ୍ଦ୍ର ଟାଣ୍ଡିଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ।

# ନଟରାଜ କଳାମନ୍ଦିରର ନୃତ୍ୟ କାର୍ଯ୍ୟକ୍ରମ



ଶ୍ରୀଚୈତନ୍ୟ ନୃତ୍ୟ ନାଟିକାର ଏକ ବିଶେଷ ମୁହୂର୍ତ୍ତ।

ଫୁଲବାଣୀ ଅଫିସ, ୧୩।୧୧

କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମଙ୍ଗଳବାର ଫୁଲବାଣୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀର ସମସ୍ତ କଳାକାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିବାବେଳେ ନୃତ୍ୟ ଅନୁଷ୍ଠାନ ନଟରାଜ କଳାମନ୍ଦିର ପକ୍ଷରୁ ଭକ୍ତି ରସାତ୍ମକ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମକୁ ସୁନାସୀର ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର କୁନି କଳାକାରମାନେ ଓଡିଶୀ ନୃତ୍ୟରେ ମଙ୍ଗଳାଚରଣ ଗୁରୁବନ୍ଦନା ପରିବେଷଣ କରିଥିଲେ। ପରେ ବିଶେଷ ଆକର୍ଷଣ ଥିଲା ନୃତ୍ୟନାଟିକା ଶ୍ରୀଚୈତନ୍ୟ। ବହୁ ଲୋକ ଏହାକୁ ଉପଭୋଗ କରିଥିଲେ। ଗୁରୁ ବିନୋଦ ଚନ୍ଦ୍ର ସାହୁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭଜନ, ସମ୍ବଲପୁରୀ ଗୀତରେ ମଧ୍ୟ ନୃତ୍ୟ ପରିବେଷିତ ହୋଇଥିଲା। ଅଶୋକ କୁମାର ମହାନ୍ତି ଏବଂ ସ୍ୱର୍ଣ୍ଣଲକ୍ଷ୍ମୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିପୁଳ ପରିମାଣରେ ପଲିଥିନ୍, ପ୍ଲାଷ୍ଟିକ୍ ଜବତ

କାଶୀନଗର,୧୩।୧୧ (ଡି.ଏନ୍.ଏ.)

କାଶୀନଗର ଏନ୍‌ଏସି ପକ୍ଷରୁ ବୁଧବାର ପଲିଥିନ୍ ଧରପଗଡ଼ କରାଯାଇ ବିପୁଳ ପରିମାଣରେ ପଲିଥିନ୍ ଜବତ କରାଯାଇଛି। ଅଞ୍ଚଳର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ତଥା ମାଛ ବଜାର, ପାଣି ପାଉଚ୍ ଗୋଦାମ୍ ସମେତ ସମସ୍ତ ଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇ ୨୦ ବସ୍ତା ପାଣି ପାଉଚ୍ ୧୮ କେଜି ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରାଯିବା ସହ ୬ହଜାର ୭ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଧରପଗଡ଼ରେ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ପିଇଓ ପି. ମନୋହର, କନିଷ୍ଠ ଯନ୍ତ୍ରୀ ରାଧାମୋହନ ରାୟ ଏବଂ ଏନ୍‌ଏସି କର୍ମଚାରୀମାନେ ସାମିଲ୍ ଥିଲେ। ଚଢ଼ାଉ ସମୟରେ କାଶୀନଗର ପୋଲିସ ଉପସ୍ଥିତ ଥିଲା।

# ଦାରିଙ୍ଗବାଡ଼ିରେ ଶୀତ, ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ

ଦାରିଙ୍ଗବାଡ଼ି,୧୩।୧୧(ଡି.ଏନ୍.ଏ.)

ଦାରିଙ୍ଗବାଡ଼ିରେ ଶୀତ ଅନୁଭୂତ ହୋଇଛି। ଚଳିତ ବର୍ଷ ବିଳମ୍ବରେ ଶୀତ ହୋଇଥିବାରୁ ପାଣିପାଗରେ ଅନିୟମିତତା ଯୋଗୁ ଏପରି ହୋଇଥିବା କୁହାଯାଉଛି। ବାରମ୍ବାର ଲଘୁଚାପ ସହ ବାତ୍ୟା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ଅପରାହ୍ଣରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରହିଥିବା ବେଳେ ବୁଧବାର ସକାଳ ୮ଟା ସୁଦ୍ଧା ଏହା ହ୍ରାସ ପାଇ ୧୦ ଡିଗ୍ରୀରେ ପହଞ୍ଚିଛି। କିଛିଦିନ ହେଲା ପାଗ ମେଘୁଆ ରହିବା ସହ ଦିନରେ ହାଲକା ଭାବେ କୋହଲା ପବନ ମଧ୍ୟ ବୋହୁଛି। ଫଳରେ ଦିନରାତି ପାଖାପାଖି ସମାନ ତାପମାତ୍ରା ରହୁଛି। ସେହିପରି ସକାଳୁଆ କୁହୁଡ଼ି ମଧ୍ୟ ପଡୁଛି। ଶୀତର ମଜା ନେବାକୁ ଦାରିଙ୍ଗବାଡ଼ି ଆସୁଥିବା ପର୍ଯ୍ୟଟକମାନେ ଗତ କିଛିଦିନ ହେଲା



ଶୀତ ଯୋଗୁ ଲୋକେ ନିଆଁ ପୁଉଁଛନ୍ତି।

## ବଢୁଛି ପର୍ଯ୍ୟଟକଙ୍କ ଭିଡ଼

ନିରାଶ ହେଉଥିଲେ। ଏବେ ଶୀତ ଆସିଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଭିନ୍ନ ପର୍ଯ୍ୟଟନକେନ୍ଦ୍ରରେ ଭିଡ଼ ଜମିଲାଣି। ବିଶେଷ କରି ସକାଳୁ ହିଲ୍‌ଭିୟୁ ପାର୍କର ୱାଚ୍ ଟାୱାର ଉପରେ ଠିଆ ହୋଇ ସୂର୍ଯ୍ୟୋଦୟ ଏବଂ ସନ୍ଧ୍ୟାରେ ସୂର୍ଯ୍ୟଅସ୍ତ ଦେଖିବାକୁ ଭିଡ ଜମୁଛି। ଶୀତ ଦାଉରୁ ରକ୍ଷାପାଇଁ ସନ୍ଧ୍ୟାସକାଳେ ଲୋକେ ନିଆ ଜାଳି ମଜା ନେଉଛନ୍ତି।

# କିଶୋରୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୧୩।୧୧

କ.ନୂଆଗାଁ ବ୍ଲକ କୁଡୁତୁଲି ସେବାଶ୍ରମ, ଲେଡିଙ୍ଗିଆ ଉଚ୍ଚ ବିଦ୍ୟାଳୟ, ଗୁଞ୍ଜିବାଡ଼ିସ୍ଥିତ ଜ୍ଞାନଜ୍ୟୋତି ବିଦ୍ୟାପୀଠରେ ଅଧାରୁ ପାଠ ଛାଡ଼ିଥିବା ଓ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବା କିଶୋରୀ ବାଳିକାମାନଙ୍କ ନିମନ୍ତେ ଏକ ୧୫ ଦିନିଆ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଭ୍ ଦି ଚିଲ୍‌ଡ୍ରେନ୍ ଓ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଅନନ୍ୟା ପ୍ରକଳ୍ପ ଅଞ୍ଚଳରେ ଅଧାରୁ ପାଠ ଛାଡ଼ିଥିବା ଓ ନିୟମିତ ବିଦ୍ୟାଳୟ ଆସୁନଥିବା ସମସ୍ତ କିଶୋରୀମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କ.ନୂଆଗାଁ ବ୍ଲକର ବିଭିନ୍ନ ଗ୍ରାମର ୭୨ ଜଣ କିଶୋରୀ ଯୋଗଦାନ କରିଥିଲେ। ସୁରେଶ ଚନ୍ଦ୍ର ପାଇଟାଲ, କେ.ସୁନିତା ଦୋରା, ରୀତା ମଲ୍ଲିକ, ସୁଧୀର କାନ୍ତ ଗୌଡ଼, ରଞ୍ଜିତ ଦାସ, ମଧୁସୂଦନ ଦିଗାଳ ପ୍ରମୁଖ ଶିକ୍ଷକଙ୍କ ସମେତ ସ୍ୱାତୀ ଅନୁଷ୍ଠାନର ପ୍ରଦୀପ କୁମାର ସ୍ୱାଇଁ, ଅଶୋକ କୁମାର ତ୍ରିପାଠୀ ଶିକ୍ଷାର୍ଥୀମାନଙ୍କୁ ଗଣିତ ଓ ଇଂଲିଶ ବିଷୟରେ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରିଥିଲେ।

ସର୍ବେଶ୍ୱର ସାହୁ, ଅନନ୍ତ ଚରଣ ମଲ୍ଲିକ, ପ୍ରିୟତମା ନାୟକ, ଅନସୂୟା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିସହିତ ଜୀବନ କୌଶଳ ତଥା ଯୌନ ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କୀୟ ମଧ୍ୟ ଶିକ୍ଷା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ବିଜ୍ଞାନକୁ ବାସ୍ତବ ଜୀବନରେ ପ୍ରୟୋଗ କୌଶଳ ସମ୍ପର୍କରେ ଶିକ୍ଷା ଦେଇଥିଲେ। ଶେଷରେ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା। ବ୍ଲକ ଅନନ୍ୟା ବାଳିକା ମହାସଂଘର ସଭାନେତ୍ରୀ ଝୁଲିମା ମଲ୍ଲିକ ଉପସ୍ଥିତ ଥିଲେ।



କିଶୋରୀମାନେ ପଢୁଛନ୍ତି।

# ମହିଳା ମହାବିଦ୍ୟାଳୟରେ ପାନୀୟ ଜଳ ସଙ୍କଟ

ଜି.ଉଦୟଗିରି,୧୩।୧୧(ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ ୧୯୯୬ରେ ପ୍ରତିଷ୍ଠିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ପାନୀୟ ଜଳ ସୁବିଧା ନାହିଁ। ଏଥିପାଇଁ ଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ ୩ଥର ନଳକୂପ ଖୋଳାଯାଇଥିଲେ ମଧ୍ୟ ପାଣି ବାହାରିଲା ନାହିଁ। ଏ ନେଇ ୨୩ ବର୍ଷ ହେବ ଛାତ୍ରୀମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ବୁଧବାର ସ୍ଥାନୀୟ ବିଡିଓ ତଥା ଭାରପ୍ରାପ୍ତ ଅତିରିକ୍ତ ଉପଜିଲାପାଳ ଶାନ୍ତନୁ କୁମାର ନାୟକ କଲେଜ ପରିଦର୍ଶନରେ ଯାଇଥିବା ବେଳେ ପିଲାମାନେ ପାନୀୟ ଜଳ ସମସ୍ୟା ବିଷୟରେ କହିଥିଲେ। ଏହି ବିଦ୍ୟାଳୟରେ ୪୦୦ ଛାତ୍ରୀ ପଢୁଥିଲେ ମଧ୍ୟ ପାନୀୟ ଜଳ ସୁବିଧା ନ ଥିବା ବିଡିଓ ଅନୁଭବ କରି ଡିସେମ୍ବର ମାସ ସୁଦ୍ଧା ପାନୀୟ ଜଳ ପାଇପ୍ ଦ୍ୱାରା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ସୂଚନା ପ୍ରକାରେ, ଜି.ଉଦୟଗିରି ବିଡିଓ ବର୍ତ୍ତମାନ ଏନ୍‌ଏସିର ପ୍ରଶାସକ ଦାୟିତ୍ୱରେ ମଧ୍ୟ ଅଛନ୍ତି। କଲେଜରେ ୪ଟି ଶୌଚାଳୟ ଥାଇ ମଧ୍ୟ ପାଣି ସମସ୍ୟା ଯୋଗୁଁ ବ୍ୟବହାର ହୋଇପାରୁନାହିଁ ବୋଲି କଲେଜର ଅଧ୍ୟକ୍ଷ ଶିବରାମ ସାହୁ କହିଥିଲେ।

# କ୍ଷମତା ଏକ୍ସପ୍ରେସ ଶିବିର



ଶିବିରରେ ଯୋଗ ଦେଇଥିବା ଅଧିକାରୀ ଓ ଲୋକମାନେ।

ଶେରଗଡ଼,୧୩।୧୧(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଅଲାରିଗଡ ଗ୍ରାମରେ ବୁଧବାର କ୍ଷମତା ଏକ୍ସପ୍ରେସ ପକ୍ଷରୁ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ସାରସ ସ୍ୱାଇଁ ଏହାର ଶୁଭାରମ୍ଭ କରିଥିଲେ। ବିଡ଼ିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତରେ ଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ସ୍ୱାସ୍ଥ୍ୟ ଯାଞ୍ଚ ସହ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ କ୍ଷମତା ଏକ୍ସପ୍ରେସ ନାମରେ ଏକ ବସରେ ଡାକ୍ତର ଓ ଟେକ୍ନିସିଆନଙ୍କ ୪ଜଣିଆ ଟିମ୍ ସହାୟତାରେ ପ୍ରତି ପଞ୍ଚାୟତରେ ଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବାକୁ ଭୁବନେଶ୍ୱରରୁ ଏକ ବସ୍ ବାହାରିଛି। ବୁଧବାର ଅଲାରିଗଡ଼ ପଞ୍ଚାୟତରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଚିହ୍ନଟ ବ୍ୟକ୍ତିଙ୍କୁ ତୁରନ୍ତ ପ୍ରମାଣପତ୍ର ସରକାରଙ୍କ ପକ୍ଷରୁ ଡାକ ଯୋଗେ ପ୍ରଦାନ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେରେ ବିଡ଼ିଓଙ୍କ ସମେତ ଗ୍ରାମସେବକ ସରୋଜ କୁମାର ଦାଶ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ବିଜେଡି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

# ରାସ ଯାତ୍ରା ଉଦ୍‌ଯାପିତ

ଫିରିଙ୍ଗିଆ,୧୩।୧୧

ଫିରିଙ୍ଗିଆ ସହର ମୁଖିସାହିଠାରେ ଗତ ୮ ତାରିଖରୁ ତ୍ରିନାଥ ସ୍ୱାମୀ ପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ରାହାସ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ରାହାସ ଯାତ୍ରାର ସଭାପତି ସାରସ୍ୱତ ମୁଖିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଫିରିଙ୍ଗିଆ ସରପଞ୍ଚ ବିଶ୍ୱରଞ୍ଜନ କହଁର ମୁଖ୍ୟଅତିଥି, ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ନବଘନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ବେଣୁଧର ମୁଖି, ଜିପୁନ ମୁଖି, ଚିତ୍ରସେନ ମୁଖି, ରବି ସାହୁ, ଭୂଆଁ ମୁଖି, ସରୋଜ କୁମାର ଚର୍ଣ୍ଣା, ବୁନା ମୁଖି, ନନ୍ଦକିଶୋର ମୁଖି, ଟୁକୁନା ମୁଖି, ଭ୍ରମର ମୁଖି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ଭାବେ ଶିକ୍ଷାବିତ ଶୁକଦେବ ମୁଖି ଯୋଗ ଦେଇଥିଲେ। ଉଦ୍‌ଯାପନୀରେ ନୟାଗଡ ଜିଲା ଇଟାମାଟି ଘଡିଆଳରୁ ଆସିଥିବା କଳାକାରଙ୍କ ଦ୍ୱାରା ପୌରାଣିକ ନାଟକ ଲବକୁଶ ଜନ୍ମ, ମହିରାବଣ ବଧ ପରିବେଷଣ ହୋଇଥିଲା। କଳାହାଣ୍ଡି ଜିଲାରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ସମ୍ବଲପୁରୀ, ଦୁଲଦୁଲି ବାଜା ଏବଂ ସ୍ଥାନୀୟ ପାରମ୍ପରିକ ବାଜା ମଧ୍ୟରେ ରାହାସ ଠାକୁରଙ୍କ ବିସର୍ଜନ ପର୍ବ ହୋଇଥିଲା। ଫିରିଙ୍ଗିଆ ତଥା ଆଖପାଖ ଅଞ୍ଚଳର ବହୁ ଲୋକ ଏହା ଦେଖିବାକୁ ଭିଡ ଜମାଇଥିଲେ।

## ସଂକ୍ଷେପରେ

### ଶୁକ୍ରୁଙ୍କ ଆଣ୍ଠୁରେ ବଢୁଛି ମାଂସ ପିଣ୍ଡୁଳା



**ଦଶମନ୍ତପୁର,୧୩।୧୧(ଡି.ଏନ୍.ଏ):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତରେ ଥିବା ନୂଆଗୁଡ଼ା ଗ୍ରାମର ଜଣେ ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ଆଣ୍ଠୁରେ ଥିବା ମାଂସ ପିଣ୍ଡୁଳା ବଢ଼ିବାରେ ଲାଗିଛି। ପୀଡ଼ିତ ବ୍ୟକ୍ତି ଜଣକ ହେଲେ ଶୁକ୍ରୁ ପାଇକ (୪୫)। ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହେବା ପରେ ୧୨ ବର୍ଷୀୟା ଝିଅ ପ୍ରମିଳା ଓ ସେ ଏହି ଦୁଇଜଣଙ୍କୁ ନେଇ ତାଙ୍କ ପରିବାର। ୧୫ ବର୍ଷ ବୟସ ହୋଇଥିବା ବେଳେ ସେ ନିଜ ସାନ ଭାଇଙ୍କ ସହ ଯୋବା ଖଡ଼କ ଝୋଲାକୁ ଗାଈ ଚରାଇବାକୁ ଯାଇଥିଲେ। ସେଠାରେ ଡୁମା ଜଡ଼ା ଗଛର ଡାଳରେ ଗାଡ଼ିକରି ପ୍ରତ୍ୟେକ ଦିନ ଖେଳକୁଦ କରୁଥିଲେ। ସାନ ଭାଇ ହଠାତ୍ ଗଡ଼ାଣିରେ ଗାଡ଼ିଟିକୁ ଠେଲିଦେବା ଯୋଗୁ ସେ ଓଲଟି ପଡ଼ିଯାଇଥିଲେ। ଫଳରେ ଧୀରେଧୀରେ ତାଙ୍କ ଆଣ୍ଠୁରେ ଏକ ଘା' ହେବା ସହ ଦିନକୁ ଦିନ ଏହା ବଢ଼ିବାରେ ଲାଗିଲା। ତାହା ବର୍ତ୍ତମାନ ଏତେ ବଢ଼ିଗଲାଣି ଯେ, ଶୁକ୍ରୁ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବେଳେବେଳେ ଯନ୍ତ୍ରଣା ମଧ ହେଉଛି। ଏହାର କିପରି ଚିକିତ୍ସା କରିବା ତାହା ସେ ଜାଣିପାରୁ ନାହାନ୍ତି। ସ୍ଥାନୀୟ ପଞ୍ଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଚାଲିଥିବା ବେଳେ ସେଠାରୁ ସେ କୌଣସି ଫଳପ୍ରଦ ଚିକିତ୍ସା ପାଇ ନ ଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ପୁଣି କୋରାପୁଟ ଜିଲା ସ୍ୱାସ୍ଥ୍ୟ ଶିବିରକୁ ଯାଇ ସେଠାରୁ ମଧ ନିରାଶ ହୋଇ ଫେରିଥିବା କହିଛନ୍ତି। ବର୍ତ୍ତମାନ ସେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

### ଦୁର୍ଘଟଣାରେ ନାବାଳକ ମୃତ

**କୋଟପାଡ଼,୧୩।୧୧(ଡି.ଏନ୍.ଏ.):** କୋରାପୁଟ ଜିଲା କୋଟପାଡ଼ ଭନସୁଲି ଗ୍ରାମର କେତେକ ଲୋକେ ଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏକ ଅଟୋ (ଓଆର୍୧୦ ଜି ୫୪୯୭)ଭଡ଼ା କରି ଗୁପ୍ତେଶ୍ୱର ଯାଇଥିଲେ। ଡକରି ଘାଟି ନିକଟରେ ଅଟୋଟି ଉଠି ନ ପାରିବାରୁ ଅଟୋ ଡ୍ରାଇଭର ଯାତ୍ରୀଙ୍କୁ ଓହ୍ଲାଇ ଘାଟି ଚଢ଼ାଇବାକୁ ଉଦ୍ୟମ କରୁଥିଲେ। ଅଟୋ ଅଧାରାସ୍ତା ଚଢ଼ି ଆଉ ଆଗକୁ ଯାଇପାରି ନ ଥିଲା। ଫଳରେ ଗାଡ଼ି ପଛକୁ ଗଡ଼ିଆସିବା ବେଳେ ବ୍ରେକ୍ ମଧ କାମ କରି ନ ଥିଲା। ଦ୍ରୁତଗତିରେ ଅଟୋ ତଳକୁ ଖସି ଜଣେ ବାଳକଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ବାଳକ ଜଣଙ୍କର ମୃତ୍ୟୁ ହୋଇଥିଲା।

# ବିସ୍ମିତାଙ୍କ ବିସ୍ମୟ ହାତ କାମ

## ବର୍ଜ୍ୟବସ୍ତୁରୁ ତିଆରି କରୁଛନ୍ତି ସୁନ୍ଦର ଘରସଜା ସାମଗ୍ରୀ

ଜୟପୁର,୧୨।୧୧(ନି.ପ୍ର.)

ବର୍ଜ୍ୟବସ୍ତୁରୁ ସୁନ୍ଦର ଘରସଜା ସାମଗ୍ରୀ ପ୍ରସ୍ତୁତ କରି ଏବେ ପ୍ରଶଂସିତ ହୋଇଛନ୍ତି ଜୟପୁର ସହର ଜୟନଗରର ବିସ୍ମିତା ସାହୁ। ବିସ୍ମିତାଙ୍କ ବିସ୍ମୟ କାରିଗରୀ ପାଇଁ ତାଙ୍କ ପାଖରୁ କେବଳ ଜିଲା ନୁହେଁ, ବରଂ ରାଜ୍ୟ ବାହାରୁ ମଧ ଗ୍ରାହକଙ୍କ ଆଗମନ ଘଟିବାରେ ଲାଗିଛି। ବଜାରରୁ ମହଙ୍ଗା ସାମଗ୍ରୀଠାରୁ ତାଙ୍କ ହାତ ତିଆରି ସାମଗ୍ରୀ କୌଣସି ଗୁଣରେ କମ୍ ନୁହେଁ। ବର୍ଜ୍ୟବସ୍ତୁକୁ ଖୋଲାରେ ଫିଙ୍ଗି ପରିବେଶ ପ୍ରଦୂଷଣ କରିବା ବଦଳରେ ତାକୁ ବ୍ୟବହାର କରି ସମାଜକୁ ସୁନ୍ଦର ବାର୍ତ୍ତା ଦେଇଛନ୍ତି ବିସ୍ମିତା।



ନିଜ ହାତ ତିଆରି ସାମଗ୍ରୀ ସହ ଜୟପୁର ସହରର ବିସ୍ମିତା ସାହୁ ।



ପଲିଥିନ ହେଉ କି ଥଣ୍ଡା ପାନୀୟ କିମ୍ବା ପାଣି ବୋତଲ ଭଳି ଅଦରକାରୀ ପ୍ଲାଷ୍ଟିକ କିମ୍ବା କପଡ଼ା, କାର୍ଟୁନ ସବୁକୁ ସୁନ୍ଦର ଭାବରେ ରୂପ ଓ ଆକାର ଦେଇପାରନ୍ତି ବିସ୍ମିତା। ଛୋଟବେଳରୁ ସେ ଅଦରକାରୀ ବର୍ଜ୍ୟବସ୍ତୁ କିପରି ବ୍ୟବହାର ହୋଇପାରିବ ତାହା ତାଙ୍କର ଲକ୍ଷ୍ୟ। ଅର୍ଥନୀତିରେ ପିଜି କରି ବିସ୍ମିତା ଏହି ବର୍ଜ୍ୟବସ୍ତୁରେ ଭଳିକି ଭଳି ଫୁଲଦାନୀ, ଟେବୁଲ ଲ୍ୟାମ୍ପ, ପେନ ଷ୍ଟାଣ୍ଡ, ଝୁମର, ଫଟୋ ଫ୍ରେମ, ଅଳଙ୍କାର ବାକ୍ସ ତିଆରି କରୁଛନ୍ତି। ଏପରିକି ଅଚଳ ୨୫ ପଇସାରେ ତାଙ୍କ ହାତ ତିଆରି ସୁନ୍ଦର ଫଟୋଫ୍ରେମକୁ ଦେଖିଲେ ଜଣେ ଆକର୍ଷିତ ହେବ ନିଶ୍ଚୟ। ବିସ୍ମିତାଙ୍କୁ ସହଯୋଗ କରୁଛନ୍ତି ତାଙ୍କ ବଡ଼ଭଉଣୀ ରଶ୍ମିତା ସାହୁ ଓ ମୋତା ସାହୁ । ପ୍ରାୟ ୨ ବର୍ଷ ହେବ ଏହିଭଳି ନିଜ ଆଇଡିଆରେ ଘରସଜା ଉପକରଣ ପ୍ରସ୍ତୁତ କରିଆସୁଛନ୍ତି ବିସ୍ମିତା। ୟୁ୍ୟଟ୍ୟୁବ୍‌ରେ ମଧ ଏ ଦିଗରେ କିଛି ଡିଜାଇନ ଶିଖିବା ପରେ ଏବେ ସେ ନିଜ ହାତ ତିଆରି ସାମଗ୍ରୀକୁ ସୋସିଆଲ ମିଡିଆ ଜରିଆରେ ମାର୍କେଟିଂ ସହ ବିକ୍ରି କରାଇ ଭଲ ଦୁଇ ପଇସା ରୋଜଗାର କରିପାରୁଛନ୍ତି। ବର୍ତ୍ତମାନ ଛତିଶଗଡ଼, କଟକ, ଭୁବନେଶ୍ୱର, ରାଉରକେଲାରୁ ତାଙ୍କ ପାଖକୁ ଅର୍ଡ଼ର ଆସୁଥିବା ବିସ୍ମିତା ପ୍ରକାଶ କରିଛନ୍ତି ।

### ■ ଗୁପ୍ତେଶ୍ୱର ପୀଠ ନଦୀରେ ଛାତ୍ର ଭାସିଯିବା ଘଟଣା

# ୩ ଦିନ ପରେ ସମ୍ଭବ ହୋଇନି ଉଦ୍ଧାର

ବୈପାରୀଗୁଡ଼ା,୧୩।୧୧ (ଡି.ଏନ୍.ଏ.)

ଗୁପ୍ତେଶ୍ୱର ପୀଠ ନିକଟସ୍ଥ ଶାବରୀ ନଦୀରେ ବୈପାରୀଗୁଡ଼ା ଡିଗ୍ରୀ କଲେଜର ଜଣେ ଛାତ୍ର ନିଖୋଜ ହେବାର ୩ ଦିନ ବିତିଯାଇଥିଲେ ମଧ ତାଙ୍କର ପତା ମିଳିନାହିଁ। ଗତ ସୋମବାର କେତେକ ସାଙ୍ଗଙ୍କ ମେଳରେ ବୈପାରୀଗୁଡ଼ା ଗ୍ରାମର କେ. ରିତିକ ଆଚାରୀ ବୁଲିବାକୁ ଯାଇଥିଲେ। କିନ୍ତୁ ସେଠାରୁ ଖବର ଆସିଲା ସେ ଶାବରୀ ନଦୀରେ ଭାସିଯାଇଛନ୍ତି। ବୈପାରୀଗୁଡ଼ା ଅଗ୍ନିଶମ ଓ କୋରାପୁଟରୁ ଓଡ୍ରାଫ ଟିମ୍ ଘଟଣାସ୍ଥଳକୁ ଯାଇ ତଲାସି ଅଭିଯାନ ଚଳାଇଥିଲେ। କିନ୍ତୁ ୩ ଦିନ ପରେ ମଧ ତାଙ୍କର ଖୋଜ ଖବର ମିଳିନାହିଁ। ବୁଧବାର ଜୟପୁର



ଉପଜିଲାପାଳ ଲୋକନାଥ ଦଳବେହେରା ଓ ବୈପାରୀଗୁଡ଼ା ତହସିଲଦାର ସଞ୍ଜିବ ସାରୁ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସନ୍ଧ୍ୟା ୬ଟା ଯାଏ ତଲାସି ଚାଲିଥିଲା। ବୈପାରୀଗୁଡା ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂ କହିଛନ୍ତି, ସେଠାରେ ବଡ଼ ପଥର ତଳେ ସୁଡ଼ଙ୍ଗ ସାଙ୍ଗକୁ ନଦୀର ପ୍ରଖର ସ୍ରୋତ ଥିବାରୁ ଉଦ୍ଧାର କାର୍ଯ୍ୟ ସହଜ ହେଉନାହିଁ। ଉଲ୍ଲେଖଯୋଗ୍ୟ, ଘଟଣା ଦିନ ସନ୍ଧ୍ୟାରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେଥିରେ ରିତିକ ସାଙ୍ଗଙ୍କ ମେଳରେ ପଥର ଉପରେ ବସି ନଦୀସ୍ରୋତରେ ପାଦ ଧୋଇବାର ମଜା ନେଉଥିବା ଦେଖିବାକୁ ମିଳିଛି।



କୋରାପୁଟ ସଂସ୍କୃତି ପରିଷଦରେ ପରବ ପାଇଁ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି ।

### ନିଶା କବଳରେ ଛାତ୍ର, ଯୁବପିଢ଼ି

# ବ୍ୟବହାର କରୁଛନ୍ତି ଅଠା, ରବର ସଲ୍ୟୁସନ

ବୈପାରୀଗୁଡ଼ା୧୩।୧୧(ଡି.ଏନ୍.ଏ.)

ବୈପାରୀଗୁଡ଼ା ଅଞ୍ଚଳରେ ଛାତ୍ର ଓ ଯୁବପିଢ଼ି ଏବେ ନିଶାର କବଳରେ। ନିଶାଦ୍ରବ୍ୟ କହିଲେ ସାଧାରଣତଃ ମାଦକ ଦ୍ରବ୍ୟ କିମ୍ବା ତମାଖୁକୁ ବୁଝାଇଥାଏ। କିନ୍ତୁ ସେମାନେ ଏବେ ନୂଆ ପ୍ରକାରର ନିଶାଦ୍ରବ୍ୟ ବ୍ୟବହାର କଲେଣି। କାଠ ଯୋଡ଼େଇ କାମରେ ବ୍ୟବହାର ହେଉଥିବା ଫେବି ଅଠା ଓ ସାଇକେଲ୍ ପଙ୍କଚରରେ ପ୍ୟାଚ୍ ପକାଇବା ପାଇଁ ବ୍ୟବହୃତ ସଲ୍ୟୁସନ ବ୍ୟବହାର କରୁଛନ୍ତି। ଫେବି ଅଠା ଓ ରବର ସଲ୍ୟୁସନକୁ ଜରିମୁଣାରେ ରଖି ହାତରେ କିଛି ସମୟ ମନ୍ଥିବା ପରେ ସେମାନେ ଜଣକ ପରେ ଜଣେ ଜରିମୁଣାକୁ ଫୁଙ୍କିବା ସହ ସେଥିରେ ମୁହଁ ପୂରାଇ ଆଘ୍ରାଣ କରୁଛନ୍ତି। ଏହି ନିଶା ଅନ୍ୟ କୌଣସି ମାଦକ ଦ୍ରବ୍ୟ ନିଶାଠାରୁ କଡ଼ା । କମ୍ ଦାମ୍ ଓ ସହଜରେ ଉପଲବ୍ଧ ହେଉଥିବା କାରଣରୁ ସେମାନେ ବହୁଳ ଭାବେ ଏହାର ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ କେତେକ ପାନ ଦୋକାନରେ ଗଞ୍ଜେଇ ସିଗାରେଟ୍ ମଧ ବିକ୍ରି ହେଉଛି। ସନ୍ଧ୍ୟା ହେଲେ ପରିତ୍ୟକ୍ତ ଅର୍ଦ୍ଧନିର୍ମିତ ଘର ଅଥବା ନିଛାଟିଆ ସ୍ଥାନରେ ସେମାନେ ଆଡ୍ଡା ଜମାଉଛନ୍ତି। ନିଶା ସେବନ କାରଣରୁ ଅନେକ ସମୟରେ ନାବାଳକମାନେ ବହୁ ଅପରାଧରେ ସଂପୃକ୍ତ ହେଉଛନ୍ତି।

### ■ ଅସ୍ଥାୟୀ ଭାବେ ଆରମ୍ଭ ହେବ କେନ୍ଦ୍ରୀୟ ବିଦ୍ୟାଳୟ

# ସ୍ଥାନ ତଦାରଖ କଲେ ଜିଲାପାଳ



ସ୍ଥାନ ଅନୁଧ୍ୟାନ କରୁଛନ୍ତି ଜିଲାପାଳ ଓ ଅନ୍ୟମାନେ ।

ଜୟପୁର,୧୩।୧୧(ଡି.ଏନ୍.ଏ.)

ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ବର୍ଷ ପାଠ୍ୟକ୍ରମ ଶୁଭାରମ୍ଭ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଭାବେ ଗୃହ ଯୋଗାଇଦେବାକୁ କେନ୍ଦ୍ରିୟ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅନୁରୋଧ ହୋଇଥିଲା। ଏହିକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ଗତ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ସ୍ଥାନକୁ ଯାଇ ତଦାରଖ କରିଛନ୍ତି। ପ୍ରଥମେ ଜିଲାପାଳ ମିଶ୍ର ଓ ଅନ୍ୟ ଅଧିକାରୀ ସ୍ଥାନୀୟ ଇରିଗେସନ କଲୋନୀସ୍ଥିତ କମ୍ୟୁନିଟି କେନ୍ଦ୍ର ତଦାରଖ କରିଥିଲେ। କିନ୍ତୁ ଏହାର ରକ୍ଷଣାବେକ୍ଷଣ ହୋଇ ନ ଥିବା ଯୋଗୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଅର୍ଥାଭାବ ଯୋଗୁ ଏହାର ମରାମତି ସମ୍ଭବ ହୋଇ ନ ଥିବା ନେଇ ବିଭାଗ ଦାୟିତ୍ୱରେ ରହିଥିବା ଯନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ପକ୍ଷରୁ ଅନ୍ୱେଷା ଯୋଜନା ମାଧ୍ୟମରେ ଫୁଲବାଡ଼ଠାରେ ନବନିର୍ମିତ ଭବନର ତଦାରଖ ପାଇଁ ଜିଲାପାଳ ପହଞ୍ଚିଥିଲେ। କିନ୍ତୁ ସନ୍ଧ୍ୟାରେ ଅନ୍ଧାର ହୋଇଥିବା ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା । ଅନ୍ୱେଷା ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ହଷ୍ଟେଲ ରହିଛି। ଆସନ୍ତା ପାଠ୍ୟକ୍ରମ ପୂର୍ବରୁ ଫୁଲବାଡ଼ଠାରେ ନବନିର୍ମିତ ହଷ୍ଟେଲ ପ୍ରତିଷ୍ଠା ହୋଇପାରିଲେ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ଖାଲି ପଡ଼ିବ। ଏଠାରେ ୨୦ଟି କକ୍ଷ ରହିଛି। ତେଣୁ ଉପଯୁକ୍ତ ସ୍ଥାନ ହେବା ନେଇ ପ୍ରଶାସନ ପକ୍ଷରୁ ସମ୍ଭାବନା ପାଇଁ ତଦାରଖ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡା, ବିଇଓ ସୁରେନ୍ଦ୍ର ପଟ୍ଟନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଭବନ ନିର୍ମାଣ ପାଇଁ ଜଗନ୍ନାଥ ସାଗର ପାର୍ଶ୍ୱରେ ୧୦ ଏକର ସରକାରୀ ଜମି ପ୍ରଦାନ କରାଯାଇଛି।

# ଗୋମତୀ ବିଜ୍ଞାନ ପରୀକ୍ଷାରେ ୪ ପିଢ଼ିର ପରୀକ୍ଷାର୍ଥୀ

ଜୟପୁର,୧୩।୧୧(ନି.ପ୍ର.)

ଏକଦା କିଏ ଥିଲେ ଡାକ୍ତର ତ ଆଉ କିଏ ଇଞ୍ଜିନିୟର। ଚାକିରିରୁ ଅବସର ନେବାର ଅନେକ ବର୍ଷ ବି ବିତି ଗଲାଣି। ଏବେ ଜୀବନର ଶେଷ ପାହାଚ। ଧନ କି ଜ୍ଞାନ କେଉଁଥିରେ ବି ଊଣା ନାହିଁ। ତଥାପି ଏମାନେ ପରୀକ୍ଷା ହଲରେ ବସି ପରୀକ୍ଷା ଦେଉଛନ୍ତି। ତାହା ବି ପୁଅ, ଝିଅ ନାତି ନାତୁଣୀ ବୟସ ପିଲାଙ୍କ ସହ। ପରୀକ୍ଷାରେ ବସିଛନ୍ତି ୪ ପିଢ଼ି।





ତରୁଣ ପ୍ରଜ୍ଞା ଭାରତୀ ଦ୍ୱାରା ଗୋମତୀ ବିଜ୍ଞାନ ପରୀକ୍ଷା ଜୟପୁରରେ ରବିବାର ଆୟୋଜିତ ହୋଇଥିଲା ଏହି ପରୀକ୍ଷା। ଆଖିକୁ ଠିକରେ ଦେଖାଯାଉ ନ ଥିଲେ ବି ଏକାଗ୍ରତାର ସହ ସମସ୍ତେ ପରୀକ୍ଷା ଦେବାରେ ବ୍ୟସ୍ତ। କାରଣ ନିର୍ଦ୍ଧାରିତ ସମୟ ଭିତରେ ପରୀକ୍ଷା ସାରିବାକୁ ହେବ। ତେଣୁ ଶାନ୍ତି ଶୃଙ୍ଖଳାର ସହ ସମସ୍ତେ କାହାକୁ ନ ଚାହିଁ ଲେଖି ଚାଲିଛନ୍ତି। ହେଲେ ଏ ପରୀକ୍ଷା ଟିକେ ଭିନ୍ନ। କାରଣ ଏଠାରେ ପରୀକ୍ଷା ଓ ପରୀକ୍ଷାର୍ଥୀ ମଧ ନିଆରା। କାହା ବୟସ ୬୦ ତ ଆଉ କାହା ବୟସ ୭୫। ପରୀକ୍ଷା ହଲ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଛାତ୍ର ଜୀବନ ମନେ ପକାଇ ଦେଇଛି। ଲେଖିବାର ଅଭ୍ୟାସ ନ ଥିବାରୁ ଲେଖିବାକୁ ଟିକେ କଷ୍ଟ ହୋଇଥିଲା। ତଥାପି ସମସ୍ତେ ଧୈର୍ଯ୍ୟର ସହ ପରୀକ୍ଷା ଦେଇ ଖୁସି ବ୍ୟକ୍ତ କରିଥିଲେ। ତେବେ ଏମାନେ କୌଣସି ଚାକିରି ପାଇଁ ନୁହେଁ, ବରଂ ଜୟପୁରରେ ଭାରତୀୟ ସଂସ୍କୃତି ଜ୍ଞାନ ଉପରେ କରାଯାଉଥିବା ଏକ ପ୍ରତିଯୋଗିତାରେ ଭାଗ ନେଉଥିବା ବେଳେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ପାଖାପାଖି ୪୦ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିବା ବେଳେ ଏହି ପରୀକ୍ଷାରେ କୌଣସି ବୟସର ସୀମା ନ ଥିଲା। କୌତୁହଳର ବିଷୟ ହେଉଛି ଏଠାରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ ଥିଲେ ୪ଟି ପିଢ଼ିର। ପରୀକ୍ଷାର୍ଥୀଙ୍କ ସର୍ବନିମ୍ନ ବୟସ ୨୦ ଥିବାବେଳେ ସର୍ବାଧିକ ବୟସ ଥିଲା ୭୫ ବର୍ଷ। ପରୀକ୍ଷାରେ କପି ଯେପରି ନହୁଏ ସେଥିପାଇଁ ୯୨ ବର୍ଷର ଜଣେ ଅବସରପ୍ରାପ୍ତ ଅଫିସରଙ୍କୁ ପରୀକ୍ଷା ନୀରିକ୍ଷକ ଦାୟିତ୍ୱ ଦିଆଯାଇଥିଲା।

# ଫୁଟବଲ ଟୁର୍ନାମେଣ୍ଟ: ଭୁବନେଶ୍ୱର ଚାମ୍ପିୟନ

ବୋରିଗୁମ୍ମା,୧୩।୧୧(ଡି.ଏନ୍.ଏ.)

ବୋରିଗୁମ୍ମା ମା' ବୁଢ଼ି ଠାକୁରାଣୀ ଖଲାସୀ ସଂଘ ଦ୍ୱାରା ଆୟୋଜିତ ଓପନ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ୨-୦ ଗୋଲରେ ବିଶାଖାପାଟଣାକୁ ହରାଇ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଛି। ସଂଘ ସଭାପତି ଲାଲୁ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କନ୍ନଡ଼ ଓ ତାମିଲ ଅଭିନେତ୍ରୀ ଏନି ପ୍ରିନ୍ସ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ, ସୂର୍ଯ୍ୟ ଆଚାରୀ, ମୁନା ଦୋରା, ଗୋପାଳ ମହାପାତ୍ର, ଏସ୍‌ଡିପିଓ ହରେକୃଷ୍ଣ ମାଝୀ, ଥାନା ଆଇଆଇସି ସଞ୍ଜୟ ମଣ୍ଡଳ ଉପସ୍ଥିତ ଥିଲେ। ଚାମ୍ପିୟନ ଭୁବନେଶ୍ୱରକୁ ଟ୍ରଫି ସହ ୨୫ ହଜାର ଓ ରନର୍ସଅପ୍ ବିଶାଖାପାଟଣାକୁ ୨୦ ହଜାର ଟଙ୍କା ଦିଆଯାଇଥିଲା। ଖଲାସି ସଂଘ ସମ୍ପାଦକ ବାବୁଲା ନାଗ ଓ ଆୟୋଜକ ଆପୁ ଖାନ ମ୍ୟାଚ ପରିଚାଳନା କରିଥିଲେ। ରେଫରି ଭାବେ କେଦାର ରାଉତ, ଦୁର୍ଗା ପ୍ରସାଦ ସିଂ, ଜନ୍ ହରିଜନ ଓ ଜଗନ୍ନାଥ ହରିଜନ ଦାୟିତ୍ୱ ତୁଲାଇଥିଲେ। ଖଲାସି ସଂଘର କର୍ମକର୍ତ୍ତା କୈଳାସ ହରିଜନ, ସଦା ହରିଜନ, ମାଧବ ହରିଜନ, ବିନୋଦ ହରିଜନ ଓ ସୁଶାନ୍ତ ନାଗ ସହଯୋଗ କରିଥିଲେ।

### ■ ଜାତୀୟ ବାସ୍କେଟବଲ (୧୭ ବର୍ଷରୁ କମ୍) ଟୁର୍ନାମେଣ୍ଟ

# ଭିଏସ୍ ସ୍କୁଲର ଅଭିଜିତ ବାରିକ ମନୋନୀତ

ସେମିଳିଗୁଡ଼ା,୧୩।୧୧(ସ୍ୱ.ପ୍ର.)

ସୁନାବେଡ଼ା ହାଲ ପରିସରସ୍ଥିତ ଭିଏସ୍ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଅଭିଜିତ ବାରିକ ଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ବାସ୍କେଟବଲ (୧୭ ବର୍ଷରୁ କମ) ଟୁର୍ନାମେଣ୍ଟରେ ଓଡ଼ିଶା ଦଳର ସଦସ୍ୟ ଭାବେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଚଳିତ ମାସ ୫ରୁ ୬ ତାରିଖ ଭୁବନେଶ୍ୱରସ୍ଥିତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ବାସ୍କେଟବଲ ଟୁର୍ନାମେଣ୍ଟରେ ଅଭିଜିତ କୋରାପୁଟ ଜିଲାକୁ ପ୍ରତିନିଧିତ୍ୱ କରି ଉତ୍ତମ ଖେଳ ପ୍ରଦର୍ଶନ କରି ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଅଭିଜିତଙ୍କ ଏହି ସଫଳତା ପାଇଁ ଭିଏସ୍ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ସେଠ, କ୍ରୀଡ଼ା ଶିକ୍ଷକ ସନ୍ଦୀପ ପଟ୍ଟନାୟକ, ରତ୍ନାକର ବାରିକଙ୍କ ସମେତ ଉପାଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି। ନଭେମ୍ବର ୧୭ରୁ ୨୨ ତାରିଖ ଯାଏ ହେବାକୁ ଥିବା ଜାତୀୟ ବାସ୍କେଟବଲ ଟୁର୍ନାମେଣ୍ଟରେ ଅଭିଜିତ ଉତ୍ତମ ଖେଳ ପ୍ରଦର୍ଶନ କରିବା ପାଇଁ ସମସ୍ତେ ଶୁଭ କାମନା ଜଣାଇଛନ୍ତି।



ଜାତୀୟ ଟୁର୍ନାମେଣ୍ଟ ପାଇଁ ମନୋନୀତ ଅଭିଜିତ୍ ବାରିକ ।

# ବୟସର ଅପରାହ୍ନରେ ବେସାହାରା ଜଗନ୍ନାଥ

ବୈପାରୀଗୁଡ଼ା,୧୩।୧୧(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ସଦର ପଞ୍ଚାୟତ ଅମଳାଭଟ୍ଟା ଗ୍ରାମର ଜଗନ୍ନାଥ ସେଠୀ। ବୟସ ପ୍ରାୟ ୭୦ ଟପିଲାଣି। ନିଜର କେହି ନ ଥିବାବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ମଧ ନାହିଁ। ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ଭତ୍ତା ହିତାଧିକାରୀଙ୍କୁ ସବସିଡ୍ ଚାଉଳ ହିତାଧିକାରୀ ତାଲିକାରେ ଅଗ୍ରାଧିକାର ଦେବାର ନିୟର ଥିବାବେଳେ ଜଗନ୍ନାଥ ଏଥିରୁ ବଞ୍ଚିତ ହୋଇଛନ୍ତି। ନିଜର ଘର ଖଣ୍ଡିକ ନ ଥିବାବେଳେ କିଛିଦିନ ହେବ ନିକଟସ୍ଥ ସନ୍ତେଇପୁଟ ଗ୍ରାମରେ ଜଣଙ୍କ ଘରେ ସେ ଆଶ୍ରୟ ନେଉଥିଲେ। କିନ୍ତୁ ସେ ମନା କରିଦେବାରୁ ଏକ ଚା' ଦୋକାନର କୁଡ଼ିଆ ଘରେ ତାଙ୍କୁ ରାତିରେ ଆଶ୍ରୟ ନେବାକୁ ପଡୁଛି। ଦିନ ବେଳେ ଚା ଦୋକାନ ଖୋଲା ଥିଲେ ଗଛମୂଳେ କିମ୍ବା କାହା ଘର ଅଗଣାରେ ବସିବାକୁ ପଡୁଛି। କେହି ସହୃଦୟ ଲୋକ ଖାଇବାକୁ ଦେଲେ ଖାଉଛନ୍ତି, ନଚେତ୍ ତାଙ୍କୁ ଉପବାସ ରହିବାକୁ ପଡୁଛି। ଜଗନ୍ନାଥଙ୍କ ଜୀବନ କାହାଣୀ ବହୁ ଦୁଃଖଦାୟକ। ଯୁବ ବୟସରେ ସେ ମାଲକାନଗିରିରେ ଜଣେ ଯୁବତୀଙ୍କୁ ବିବାହ କରି ସେଠାରେ ସ୍ଥାୟୀ ଭାବେ ରହିବା ସହ ଇଟ୍ଟା କାମକରି ଗୁଜୁରାଣ ମେଣ୍ଟାଉଥିଲେ। ସ୍ତ୍ରୀ ଗୋଟିଏ ପୁଅ ଓ ପରେ ଗୋଟିଏ ଝିଅ ଜନ୍ମ ଦେଇଥିଲେ। କିନ୍ତୁ ଜନ୍ମ ହେବାର କିଛି ସମୟ ପରେ ସନ୍ତାନମାନେ ଆରପାରିକୁ ଚାଲିଗଲେ। ଭାଗ୍ୟର ବିଡ଼ମ୍ବନା। ଶେଷରେ ପତ୍ନୀ ମଧ ଆରପାରିକୁ ଚାଲିଗଲେ। ନିଃସଙ୍ଗତାକୁ ଭୁଲିବା ପାଇଁ ୧୦ ବର୍ଷ ତଳେ ନିଜ ଗାଁ ଅମଳାଭଟ୍ଟାକୁ ଚାଲି ଆସିଥିଲେ ଜଗନ୍ନାଥ। କିନ୍ତୁ ସେଠାରେ ଚାଷ କିମ୍ବା ଘରବାଡ଼ି ନାହିଁ। ଘର ଖଣ୍ଡିକ ନ ଥିବାରୁ ପର ଘରେ ଆଶ୍ରୟ ନେଉଥିଲେ। ଗାଁର କେତେକ ସହୃଦୟ ବ୍ୟକ୍ତିଙ୍କ ସହଯୋଗରେ ବାର୍ଦ୍ଧକ୍ୟ ଭତ୍ତା ମାସିକ ୫ ଶହ ଟଙ୍କା ମିଳୁଛି । ଏତିକି ଟଙ୍କାରେ ଚଳିବା କଷ୍ଟକର ହୋଇପଡୁଛି। ଘର ଖଣ୍ଡିକ ତିଆର କରିବାକୁ ମଧ ସମ୍ବଳ ନାହିଁ । ଶୀତ ଆରମ୍ଭ ହୋଇଯାଇଥିବା ବେଳେ କମ୍ବଳ କି ଶୀତବସ୍ତ୍ର ନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗାଁଲୋକେ ଦାବି କରିଛନ୍ତି।



ଜଗନ୍ନାଥ ସେଠୀ।

